ରାଜ୍ୟବାସୀଙ୍କୁ ଶୀତଳ ଷଷ୍ଠୀର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା

Odia Daily www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Vol - 22 Issue No:57 19 June 2026 (Friday) Rourkela Rs.2.00 Page -1 ୨୨ ବର୍ଷ ସଂଖ୍ୟା:୫୭ ୧୯ ଜୁନ୍ ୨୦୨୬ (ଶୁକ୍ରବାର) ରାଉରକେଲା ମୂଲ୍ୟ:ଟ.୨.୦୦ ପୃଷ୍ଠା-୬

ଜୁଲାଇ ୧୫ରୁ ଲାଗୁ ହେବ ଭାରତ-ବ୍ରିଟେନ ମୁକ୍ତ ବାଣିଜ୍ୟ ଚୁକ୍ତି

ଦ୍ୱିପାକ୍ଷିକ କାରବାର ୩୪ ବିଲିୟନ ଡଲାରକୁ ବୃଦ୍ଧି ପାଇବ

ନୂଆଦିଲ୍ଲୀ,୧୮/୬: ବିଶ୍ୱରେ ଜାରି ରହିଥିବା ବାଣିଜ୍ୟିକ ଅସ୍ଥିରତା ମଧ୍ୟରେ ଭାରତ ଏବଂ ବ୍ରେଟନ୍ ସଂପର୍କ ଗୁରୁତ୍ୱପୂର୍ଣ୍ଣ ମୋଡରେ ପହଚିଁଛି । ଭାରତ ଏବଂ ବ୍ରିଟେନ ମଧ୍ୟରେ ବହୁ ପ୍ରତୀକ୍ଷିତ ମୁକ୍ତ ବ୍ୟାପାର ଚୁକ୍ତି (ଋଞଇ) ଆସନ୍ତା ଜୁଲାଇ ୧୫ରୁ କାର୍ଯ୍ୟକାରୀ ହେବ । ଏହି ବ୍ୟବସାୟିକ ଚୁକ୍ତି ଦ୍ୱାରା ଦୁଇ ଦେଶ ମଧ୍ୟରେ ବାର୍ଷିକ ଦ୍ୱିପାକ୍ଷିକ ବ୍ୟାପାର ପ୍ରାୟ ୨୫.୫ ବିଲିୟନ ୟୁରୋ (ପ୍ରାୟ ୩୪ ବିଲିୟନ ଆମେରିକୀୟ ଡଲାର) ବୃଦ୍ଧି ପାଇବାର ସମ୍ଭାବନା ରହିଛି । ବ୍ରିଟେନ ସରକାର ଏହି ଐତିହାସିକ ଚୁକ୍ତିର ଔପଚାରିକ ଘୋଷଣା କରିବା ସହ ବ୍ୟବସାୟଗୁଡ଼ିକୁ ନୂଆ ନିୟମ ଅନୁସାରେ ପ୍ରସ୍ତୁତ ହେବା ପାଇଁ ୨୮ ଦିନର ସମୟ ଦେଇଛନ୍ତି । ବ୍ରିଟେନର ଖାଉଟିଙ୍କୁ ଏହି ଚୁକ୍ତି ଦ୍ୱାରା ବଡ଼ ଆଶ୍ୱସ୍ତି ମିଳିବ । ଭାରତରୁ ଆମଦାନୀ ହେଉଥିବା ପୋଷାକ, ଜୋତା ଏବଂ ଖାଦ୍ୟ ସାମଗ୍ରୀ ଉପରୁ ବ୍ରିଟେନ ସରକାର ଟିକସ ହ୍ରାସ କରିବେ । ଏହାଦ୍ୱାରା ବ୍ରିଟେନର ଗ୍ରାହକମାନେ କମ୍ ଦାମରେ ଅଧିକ ବିକଳ୍ପ ପାଇପାରିବେ ।ଅନ୍ୟପଟେ, ବ୍ରିଟେନରୁ ଭାରତ ଆସୁଥିବା ସ୍କଚ୍ ହୁଇସ୍କି ଉପରୁ ଭାରତ ସରକାର ଟିକସକୁ ୧୫୦ ପ୍ରତିଶତରୁ ହ୍ରାସ କରି ୪୦ ପ୍ରତିଶତ କରିବେ । ଏହା ବ୍ୟତୀତ, ବ୍ରିଟିଶ୍ କାରଗୁଡ଼ିକ ଉପରେ ଥିବା ୧୦୦ ପ୍ରତିଶତ ଟିକସ କମି ୧୦ ପ୍ରତିଶତ ହୋଇଯିବ । ପ୍ରସାଧନ ସାମଗ୍ରୀ ଉପରେ ଥିବା ୨୨ ପ୍ରତିଶତ ପର୍ଯ୍ୟନ୍ତ ଟିକସକୁ ସମ୍ପୂର୍ଣ୍ଣ ଭାବେ ହଟାଇ ଦିଆଯିବ କିମ୍ବା ଆସନ୍ତା ୧୦ ବର୍ଷ ମଧ୍ୟରେ ଧୀରେ ଧୀରେ ଶେଷ କରାଯିବ ।ବ୍ରିଟେନର ବାଣିଜ୍ୟିକ ସଚିବ ପିଟର କାଇଲ୍ କହିଛନ୍ତି ଯେ, ଏହି ଚୁକ୍ତି ଦ୍ୱାରା ପ୍ରଥମ ବର୍ଷରେ ହିଁ ପ୍ରାୟ ୪୦୦ ମିଲିୟନ ୟୁରୋର ଟିକସ କାଟ୍ (ଞବକ୍ସସଲଲ ଉଙ୍କସ୍ପ୍ୱ) କରାଯିବ, ଯାହାର ସିଧାସଳଖ ଲାଭ ଉଭୟ ଦେଶର ବ୍ୟବସାୟୀ ଏବଂ ଲୋକ ପାଇବେ । ଦୀର୍ଘକାଳୀନ ଭାବେ ଏହା ବ୍ରିଟେନର ଜିଡିପିକୁ ୪.୮ ବିଲିୟନ ୟୁରୋ ପର୍ଯ୍ୟନ୍ତ ବଢ଼ାଇବାରେ ସାହାଯ୍ୟ କରିବ ।ଏହି ଚୁକ୍ତିରେ ବ୍ୟବସାୟ ସହିତ ଦୁଇ ଦେଶର ଚାକିରିଆମାନଙ୍କ ସାମାଜିକ ସୁରକ୍ଷାକୁ ନେଇ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । କାମ ପାଇଁ ଭାରତ ଆସୁଥିବା ବ୍ରିଟିଶ୍ ନାଗରିକମାନଙ୍କ ଷ୍ଟେଟ୍ ପେନସନ୍ ଅଧିକାରର ସମୟସୀମାକୁ ୩୬ ମାସରୁ ବଢ଼ାଇ ୬୦ ମାସ କରାଯାଇଛି । ଏହି ଅବଧି ମଧ୍ୟରେ ସେମାନଙ୍କୁ ଭାରତରେ ଦ୍ୱିତୀୟ ଥର ସାମାଜିକ ସୁରକ୍ଷା ଟିକସ ଦେବାକୁ ପଡ଼ିବ ନାହିଁ । ବ୍ରିଟେନରେ କାର୍ଯ୍ୟରତ ଭାରତୀୟ ଆଇଟି ଏବଂ ଅନ୍ୟାନ୍ୟ ପ୍ରଫେସନାଲମାନଙ୍କ ପାଇଁ ମଧ୍ୟ ଅନୁରୂପ ସୁବିଧା ମିଳିବ ।

ଅଶୋଧିତ ତୈଳ ଦର ହ୍ରାସ, କମିବ ପେଟ୍ରୋଲ-ଡିଜେଲ୍...

ନୂଆଦିଲ୍ଲୀ,୧୮/୬ : ଇରାନ-ଆମେରିକା ମଧ୍ୟରେ ସାଢେ ୩ ମାସ ଧରି ଚାଲିଥିବା ଯୁଦ୍ଧରେ ଯବନିକା ପଡ଼ିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନଙ୍କ ମଧ୍ୟରେ ୧୪ ସୂତ୍ରୀ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଉଭୟ ଦେଶର ରାଷ୍ଟ୍ରପତି ଡିଜିଟାଲ୍ ସ୍ୱାକ୍ଷର କରିଛନ୍ତି । ଯୁଦ୍ଧ ଶେଷ ଓ ତୁରନ୍ତ ହୋର୍ମୁଜ ପ୍ରଣାଳୀ ଖୋଲିବା ନେଇ ଏମଓୟୁ ହୋଇଛି । ହୋର୍ମୁଜରେ ଆମେରିକା ନାକାବନ୍ଦୀ ହଟାଇଛି । ତୈଳ-ଗ୍ୟାସ୍ ଜାହାଜ ଯାତାୟାତ ଆରମ୍ଭ ହୋଇଛି । ଇରାନ-ୟୁଏସ୍ ପିସ୍ ଡିଲ୍‌ର ପ୍ରଭାବ ଅନ୍ତରାଷ୍ଟ୍ରୀୟ ବଜାରରେ ପଡିଛି । ଅଶୋଧିତ ତୈଳ ଦର ୮୦ ଡଲାର ତଳେ ରହିଛି । ଯାହାକି ଭାରତ ପାଇଁ ଖୁବ୍ ଲାଭଦାୟକ ହେବ । ସାଧାରଣ ଲୋକଙ୍କ ଠାରୁ ନେଇ ଭାରତୀୟ ଅର୍ଥବ୍ୟବସ୍ଥାକୁ ଏହାର ଲାଭ ମିଳିବ । ଅନ୍ତର୍ଜାତୀୟ ବଜାରରେ ବ୍ରେଟଂ କ୍ରୁଡ୍ ଅଏଲ୍ ଦର ହ୍ରାସ ହୋଇଛି । ଅଶୋଧିତ ତୈଳ ବ୍ୟାରେଲ୍ ପିଛା ୧.୧୩% ହ୍ରାସ ହୋଇ ୭୮.୬୫ ଡଲାରରେ ପହଚିଁଛି । ଏହା ସହ ଜୁଲାଇ ଫ୍ୟୁଚର୍ସରେ ଆମେରିକାର ପଶ୍ଚିମ ଟେକ୍ସାସ ଇଂଟରମିଡିଏଟ୍ (ଡଞଓ) ଅଶୋଧିତ ତୈଳ ମୂଲ୍ୟ ୨.୨୦% ହ୍ରାସ ପାଇଛି । ଯାହା ବର୍ତ୍ତମାନ ପ୍ରତି ବ୍ୟାରେଲ ପିଛା ୭୫ ଡଲାରରେ ପହଚିଁଛି । ଏତଦ୍ ବ୍ୟତୀତ ମର୍ବାନ ଅଶୋଧିତ ତୈଳ ମୂଲ୍ୟ ମଧ୍ୟ ସାମାନ୍ୟ ବୃଦ୍ଧି ପାଇଛି । ଏହାର ଦର ବ୍ୟାରେଲ ପିଛା ୭୫ ଡଲାର ରହିଛି । ତେବେ ବୈଶ୍ୱିକ ବଜାରରେ ତୈଳ ଦର ହ୍ରାସ ଯୋଗୁଁ ତୈଳ ଆମଦାନୀ ଉପରେ ନିର୍ଭର କରୁଥିବା ଦେଶ ଭାରତକୁ ଫାଇଦା ମିଳିବ । ମଧ୍ୟପ୍ରାଚ୍ୟ ଯୁଦ୍ଧ ଶେଷ ହେବା ଯୋଗୁଁ ହୋର୍ମୁଜ୍ ଷ୍ଟ୍ରେଟ୍ ଖୋଲିବ ।

ଉଚ୍ଛେଦ ବନ୍ଦ ଦାବିରେ ଉତେଜନା

ଭବାନୀପାଟଣା,୧୮/୬(ନି/ପ୍ର): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ପାଷ୍ଟିଗୁଡ଼ି ରେ ଏକ ଓଭର ବ୍ରିଜ୍ ନିର୍ମାଣ ପାଇଁ ଜମି ଅଧିଗ୍ରହଣ କୁ କେନ୍ଦ୍ରକରି ଆଜି କିଛି ସମୟ ଉନେଜନା ଦେଖାଦେଇଥିଲା । ଲୋକେ ରାସ୍ତାକୁ ଅବରୋଧ କରିଥିଲେ । ପରେ ପ୍ରଶାସନିକ ଅଧିକାରୀଙ୍କ ବୁଝାସୁଝା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା ।ସୂଚନା ଅନୁଯାୟୀ ୨୬ ନମ୍ବର୍ ଜାତୀୟ ରାଜପଥ ର ପାଷ୍ଟିକୁଡ଼ି ଠାରେ ଏକ ଫ୍ଲାଏ ଓଭର ବ୍ରିଜ୍ ନିର୍ମାଣ ପାଇଁ ରାଜ୍ୟ ସରକାଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏସଂକ୍ରାନ୍ତରେ କ୍ଷତିପୂରଣ ସହ ସମୟ ଦେବା ପ୍ରଶାସନ ଏବଂ ଗାଁ ଲୋକଙ୍କ ମଧ୍ୟରେ ଆଲୋଚନା ହେଇଥିଲା । ହେଲେ ଆଜି ପ୍ରଶାସନ ପକ୍ଷରୁ ପାଷ୍ଟିକୁଡିରେ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ କରି ଘର ଭାଙ୍ଗିବା କୁ ଉଦ୍ୟମ କରିବାରୁ ଲୋକେ ତୀବ୍ର ପ୍ରତିବାଦ କରିଥିଲେ । କ୍ଷତିପୂରଣ ପାଇଁ ନଥିବା ଲୋକଙ୍କୁ ଯଥା ଶୀଘ୍ର କ୍ଷତିପୂରଣ ଦେବା ସହ ଘର ଖାଲି କରିବା ପାଇଁ ୬ ମାସ ସମୟ ଦେବା ପାଇଁ ଅଚଂଳବାସୀଙ୍କ ଦାବି କରିଥିଲେ ।

ଖାଇକୁ ଖସିଲା ବୋଲେରୋ : ୭ ମୃତ

ଚମ୍ବା,୧୮/୬: ହିମାଚଳ ପ୍ରଦେଶର ପୁଖରୀ ଅଚଂଳର ଚମ୍ବା-ମାସରୁଣ୍ଡ ରାସ୍ତାରେ ଛତ୍ରୁଣ୍ଡ ନିକଟରେ ବୁଧବାର-ଗୁରୁବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ସାତ ଜଣଙ୍କର ମୃତ୍ୟୁ ଘଟିଛି । ଦୁର୍ଘଟଣାଗ୍ରସ୍ତ ବୋଲେରୋ ଗ୍ରାମପଚାଂୟତ କୁଠେଡ଼ର ଅଂଶ ମାହଲ ଗ୍ରାମର ବୋଲି ଜଣାପଡ଼ିଛି । ମୃତକଙ୍କ ମଧ୍ୟରେ ତିନି ଜଣ ମହିଳା ଏବଂ ତିନି ଜଣ ପୁରୁଷ ଅଛନ୍ତି । ମାହଲ ଗାଁର ବାସିନ୍ଦାମାନେ ପଚାଂୟତର କାକାଡୋଥା ଗାଁରେ ଆୟୋଜିତ ଏକ ମୁଣ୍ଡନ ସଂସ୍କାରରେ ଯୋଗଦେବାକୁ ଯାଇଥିଲେ । ଏହା ପରେ ସେମାନେ ଏକ ବୋଲେରୋରେ ଘରକୁ ଫେରୁଥିଲେ । ଗାଡ଼ିଟି ନିୟନ୍ତ୍ରଣ ହରାଇ ଛତ୍ରୁଣ ନିକଟରେ ଏକ ଗଭୀର ଖାତକୁ ଖସି ପଡ଼ିଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଗାଡ଼ିଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲା ଏବଂ ଗାଡ଼ିରେ ଥିବା ଛଅ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଘଟଣା ସମ୍ପର୍କରେ ସୂଚନା ପାଇବା ପରେ, ନିକଟବର୍ତ୍ତୀ ଗାଁର ଲୋକମାନେ ପ୍ରଥମେ ଘଟଣାସ୍ଥଳରେ ପହଚିଂ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଗାଁ ଲୋକେ ମୃତଦେହଗୁଡ଼ିକୁ ଉଦ୍ଧାର କରିବା ଖାଇ ଭିତରକୁ ଓହ୍ଲାଇଥିଲେ । ପରେ ପୁଲିସ ଏବଂ ପ୍ରଶାସନ ଦଳ ମଧ୍ୟ ଘଟଣାସ୍ଥଳରେ ପହଚିଂ ଥିଲେ । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଦୁର୍ଘଟଣାସ୍ଥଳରେ କ୍ରାସ୍ ବ୍ୟାରିୟର ନାହିଁ । ସେମାନେ ଅଭିଯୋଗ କରିଛନ୍ତି ଯେ, ଯଦି ସୁରକ୍ଷା ବ୍ୟବସ୍ଥା କରାଯାଇଥାନ୍ତା, ତେବେ ଏହି ବଡ଼ ଦୁର୍ଘଟଣାକୁ ଏଡାଯାଇପାରିଥାନ୍ତା । ପୁଲିସ ଏକ ମାମଲା ରୁଜୁ କରି ଦୁର୍ଘଟଣାର କାରଣ ଜାଣିବା ପାଇଁ ତଦନ୍ତ ଆରମ୍ଭ କରିଛି ।

ମାସମାସ ଧରି ଚାଲିଥିବା ଯୁଦ୍ଧର ଅନ୍ତ ଘଟାଇଲେ ଟ୍ରମ୍ପ-ପେଜେଶକିଆନ

ପ୍ୟାରିସ୍,୧୮/୬: ବିଶ୍ୱ ରାଜନୈତିକ କ୍ଷେତ୍ରରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଆଶ୍ୱସ୍ତିକର ଖବର ଆସିଛି । ଆମେରିକା ରାଷ୍ଟ୍ରପ ଗତ କିଛି ମାସ ଧରି ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ବିପଦପୂର୍ଣ୍ଣ ସାମରିକ ଏବଂ କୂଟନୈତିକ ସଂଘର୍ଷର ଶେଷରେ ଅନ୍ତ ଘଟିଛି ।ତି ଡୋନାଲ୍ଡ ଟ୍ରମ୍ପ ଏବଂ ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନ ଏକ ଐତିହାସିକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛନ୍ତି, ଯାହାକୁ ବିଶ୍ୱ ଶାନ୍ତି ଦିଗରେ ଏକ ବଡ଼ ସଫଳତା ବୋଲି ବିବେଚନା କରାଯାଉଛି । ଫ୍ରାନ୍ସର ଭର୍ସେଲ୍ସ ପ୍ୟାଲେସରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ସହ ରାତ୍ରୀଭୋଜନରେ ଯୋଗ ଦେଇଥିଲେ । ଟ୍ରମ୍ପ ଚୁକ୍ତିନାମାର ହାର୍ଡକପିରେ ସ୍ୱାକ୍ଷର କରିଥିଲେ ଏବଂ ଗର୍ବର ସହିତ ସାମ୍ବାଦିକମାନଙ୍କୁ 'ଇଟସ୍ ସାଇନଡ୍' ବୋଲି କହିଥିଲେ । ଆମେରିକୀୟ ଅଧିକାରୀଙ୍କ ଅନୁଯାୟୀ, ଚୁକ୍ତିନାମା ତୁରନ୍ତ କାର୍ଯ୍ୟକାରୀ ହୋଇଥିଲା ଏବଂ ଡିଜିଟାଲ୍ କପିଗୁଡ଼ିକ ତୁରନ୍ତ ଇରାନ ଏବଂ ମଧ୍ୟସ୍ଥତାକାରୀ ଦେଶଗୁଡ଼ିକୁ ପଠାଯାଇଥିଲା । ଏହି ଚୁକ୍ତିନାମାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସର୍ତ୍ତ ହେଉଛି ଉଭୟ ଦେଶ ଆଗାମୀ ୬୦ ଦିନ ପାଇଁ ସମ୍ପୂର୍ଣ୍ଣ ସଂଯମତା ଅବଲମ୍ବନ କରିବେ । ଏହି ସମୟ ମଧ୍ୟରେ, ଆମେରିକା ଏବଂ ଇରାନ ଉଭୟ ଏପରି କୌଣସି ସାମରିକ, ଅର୍ଥନୈତିକ କିମ୍ବା ରାଜନୈତିକ କାର୍ଯ୍ୟରୁ ବିରତ ରହିବେ ଯାହା ପାରସ୍ପରିକ ବିଶ୍ୱାସକୁ ଦୁର୍ବଳ କରିପାରେ କିମ୍ବା ଚୁକ୍ତିନାମା କାର୍ଯ୍ୟକାରୀ କରିବାରେ ବାଧା ସୃଷ୍ଟି କରିପାରେ । ରବିବାର ଦିନ ଏହି ଚୁକ୍ତିନାମାର ମୂଳଦୁଆ ପଡ଼ିଥିଲା, ଯେତେବେଳେ ଆମେରିକାର

ଉପରାଷ୍ଟ୍ରପତି ଜେଡିଭାନ୍ସ ଏବଂ ଇରାନର ମୁଖ୍ୟ ଆଲୋଚନାକାରୀ ମହମ୍ମଦ ବାକର ଗାଲିବାଫ ଏହାକୁ ଇଲେକ୍ଟ୍ରୋନିକ୍ ଭାବରେ ସ୍ୱାକ୍ଷର କରିଥିଲେ । ଏବେ, ଦୁଇ ଦେଶର ଆଲୋଚନା ଦଳଗୁଡ଼ିକର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶୁକ୍ରବାର ଦିନ ସ୍ୱିଜରଲ୍ୟାଣ୍ଡର ଜେନେଭାରେ ଅନୁଷ୍ଠିତ ହେବାକୁ ଯାଉଛି ।

ଦିଲ୍ଲୀରୁ ଆଉ ୫ ଆତଙ୍କବାଦୀ ଗିରଫ

ନୂଆଦିଲ୍ଲୀ,୧୮/୬: ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ୍ ବୁଧବାର ଆଉ ୫ଜଣ ଆତଙ୍କବାଦୀଙ୍କୁ ଗିରଫ କରିଛି । ଗିରଫ ଆତଙ୍କବାଦୀମାନେ ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇଏସ୍ଆଇର ସଚାଂଳକ ଶେହଜାଦ ଭଟ୍ଟି ସହିତ ଯୋଗାଯୋଗରେ ରହିଥିଲେ । ବୁଧବାର ଦିଲ୍ଲୀ ପୁଲିସ କହିଛି ଯେ ଏହି ଆତଙ୍କବାଦୀ ଗୋଷ୍ଠୀରେ ୮ଜଣ ସଦସ୍ୟ ଥିବାବେଳେ ସେଥିରୁ ୫ଜଣଙ୍କୁ ଗିରଫ କରାଯାଇଛି । ଏହି ଆତଙ୍କବାଦୀମାନେ ତେହରିକ୍-ଇ-ତାଲିବାନ ହିନ୍ଦୁସ୍ତାନ (ଟିଟିଏଚ୍) ନାମରେ ସଂଗଠନ ଚଳାଇଥିଲେ । ଏହି ସଂଗଠନ ଉନ୍ନର ଭାରତରେ ଆତଙ୍କବାଦୀ କାର୍ଯ୍ୟ କରିବାକୁ ଯୋଜନା କରିଥିଲେ । ଏହା ପୂର୍ବରୁ ମଙ୍ଗଳବାର ୭ଜଣ ଆତଙ୍କବାଦୀଙ୍କୁ ଗିରଫ କରାଯାଇଥିଲା ।

ଅନୁଗୁଳରେ ଡବଲ ଏନ୍‌କାଉଟଂର

ମହାରାଷ୍ଟ୍ରର ୨ଅପରାଧୀ ଆହତ

ଅନୁଗୁଳ,୧୮/୬(ନି/ପ୍ର): ଅପରାଧୀମାନଙ୍କୁ ଆଉ ତ୍ରାହି ମିଳିବ ନାହିଁ । ପୁଲିସର ବନ୍ଧୁକମୁନରୁ ଆଉ ଖସିପାରିବେ ନାହିଁ । ଓଡ଼ିଶା ପୁଲିସର ଏନ୍‌କାଉଟଂରରେ ମହାରାଷ୍ଟ୍ରର ଦୁଇ ଜଣ ଅପରାଧୀ ଆହତ ହୋଇଛନ୍ତି । ଅପରାଧୀମାନେ ହେଲେ ସଚିନ ଗଜଗେ ଓ ପ୍ରକାଶ ମାଦନେ । ସଚିନର ଡାହାଣ ଗୋଡ଼ରେ ଗୁଳି ବାଜିଥିବା ବେଳେ ପ୍ରକାଶର ବାମ ଗୋଡ଼ ଗୁଳି ବାଜିଛି । ଉଭୟଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ସୂଚନା ଅନୁସାରେ ୫ଜଣ ଅପରାଧୀ ଗତକାଲି ରାତିରେ ତାଳଚେର ହାଟତୋଟାଛକସ୍ଥିତ ଶ୍ରୀ ବାଲାଜୀ ଗୋଲ୍ଡ ରିଫାଇନାରୀରୁ ବିପୁଳ ପରିମାଣର ସୁନା ଓ ରୁପା ଲୁଟି ଫେରାର ହୋଇଯାଇଥିଲେ । ଦୋକାନ ମାଲିକଙ୍କ ଏତଲା କ୍ରମେ ପୁଲିସ ତୁରନ୍ତ ଛାନ୍‌ଭିନ କରିଥିଲା । ଏବେ ଲୁଟ ସୁନା ଜବତ କରିବା ସହିତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଜୋରଦାର ଚଢ଼ାଉ କରିଥିଲା । ତେବେ ହଣ୍ଡପା ନିକଟରେ ପୁଲିସ ସେମାନଙ୍କୁ ଠାବ କରିବା ସମୟରେ ସେମାନେ ପୁଲିସ ଉପରକୁ ଗୁଳି ଚାଳନା କରିଥିଲେ । ପୁଲିସର ପାଲଟା ଗୁଳିମାଡ଼ରେ ଦୁଇ ଅଭିଯୁକ୍ତ ଆହତ ହୋଇଛନ୍ତି । ଅପରାଧୀମାନେ ପୁଲିସ କର୍ମଚାରୀଙ୍କ ଉପରେ ଗୁଳି ଚଳାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲେ । ପୁଲିସର ଜବାବୀ କାର୍ଯ୍ୟାନୁଷ୍ଠାନରେ ଦୁଇ ଜଣ ଅପରାଧୀ ଆହତ ହୋଇଥିଲେ । ଉଭୟଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ପ୍ରାଥମିକ ଚିକିତ୍ସା ଦିଆଯାଇଥିଲା । ପରେ ସେମାନଙ୍କର ଅବସ୍ଥା ଗୁରୁତର ଥିବାରୁ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି ।ତେବେ ଏନ୍‌କାଉଟଂର ସମୟରେ ଘଟଣାସ୍ଥଳରୁ ଦୁଇ ଜଣଙ୍କ ସମେତ ମୋଟ୍ ୪ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି ପୁଲିସ । ସମସ୍ତ ୪ ଅଭିଯୁକ୍ତ ମହାରାଷ୍ଟ୍ରର । ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି । ପୁଲିସ୍ ଅଭିଯୁକ୍ତଙ୍କ ନିକଟରୁ ୨ ଟି ଦେଶୀ ବନ୍ଧୁକ ସମେତ କାର୍ ଜବତ୍ କରିଛି । ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି ।

୨୮ ବେଳକୁ ଲଘୁଚାପ ସମ୍ଭାବନା

ଭୁବନେଶ୍ୱର,୧୮/୬(ନି/ପ୍ର): ଅଧାରୁ ଅଧିକ ଓଡ଼ିଶାକୁ ଦକ୍ଷିଣ-ପଶ୍ଚିମ ମୌସୁମି ବାୟୁ ଛୁଇଁଛି । ଦକ୍ଷିଣ-ପଶ୍ଚିମାଚଂଳର ଆଉ କିଛି ଜିଲାକୁ ଏହା ଅଗ୍ରସର ହେଉଛି । ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ୪ରୁ ୫ଦିନ ମଧ୍ୟରେ ଆଉ କିଛି ଅଚଂଳକୁ ମୌସୁମି ଅଗ୍ରସର ହେବାକୁ ପାଗ ଅନୁକୂଳ ରହିଛି । ଉତର-ଉପକୂଳ ଓଡ଼ିଶାର ଜିଲାଗୁଡ଼ିକୁ ମୌସୁମି ସ୍ପର୍ଶ କରିଥିଲେ ମଧ୍ୟ ବର୍ଷା ବିଶେଷ ନାହିଁ । ଅନ୍ୟପଟେ ଜୁନ୍ ୨୮ ବେଳକୁ ଉତର ବଙ୍ଗୋପସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଚଂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି ।



କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ଭୋଟର ସଂଶୋଧନ ଅଭିଯାନରେ ମୁଖ୍ୟମନ୍ତ୍ରୀ :

ନିଜ ଗାଁ ରାଇକଳାରେ ପୂରଣ କଲେ ପରିଗଣନା ଫର୍ମ

କେନ୍ଦୁଝର,୧୮/୬(ନି/ପ୍ର):କେନ୍ଦୁଝର ପଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝର ଜିଲ୍ଲାରେ ଚାଲିଥିବା 'ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬' ଅଭିଯାନ ଆଜି ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ରାଇକଳା ଗ୍ରାମସ୍ଥିତ ନିଜ ବାସଭବନରେ ଭୋଟର ତାଲିକା ସଂଶୋଧନ ପାଇଁ ଉଦ୍ଦିଷ୍ଟ ପରିଗଣନା ଫର୍ମ ପୂରଣ କରିଛନ୍ତି। ରାଇକଳା ବୁଥ୍‌ର ସମ୍ପୃକ୍ତ ବୁଥ୍ ସ୍ତରୀୟ ଅଧିକାରୀ ମୁଖ୍ୟମନ୍ତ୍ରୀଙ୍କୁ ଏହି ଫର୍ମ ପ୍ରଦାନ କରିଥିଲେ। କେନ୍ଦୁଝର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ବିଶାଲ ସିଂହଙ୍କ ଉପସ୍ଥିତିରେ ଏହି ପ୍ରକ୍ରିୟାଟି ସୁରୁଖୁରୁରେ ଶେଷ ହୋଇଛି।ଭୋଟର ତାଲିକା ସଂଶୋଧନ ଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଏହି ସକ୍ରିୟ ଭାଗିଦାରୀ ସାଧାରଣ ଜନତାଙ୍କ ମଧ୍ୟରେ ଏକ ସକାରାତ୍ମକ ବାର୍ତ୍ତା ପହଚାଂଇଛି । ଏହା ଦ୍ୱାରା ନାଗରିକମାନେ ନିଜର ଭୋଟର ବିବରଣୀକୁ ସଠିକ୍ ଓ ଅପ୍‌ଡେଟ୍ ରଖିବା ପାଇଁ ଅଧିକ ସଚେତନ ଓ ଅନୁପ୍ରାଣିତ ହେବେ ବୋଲି ଆଶା କରାଯାଇଛି । ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ଓ ସ୍ୱଚ୍ଛ କରିବା ପାଇଁ କେନ୍ଦୁଝର ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ଯୋଗ୍ୟ ଭୋଟରଙ୍କୁ ଏହି ଅଭିଯାନରେ ସାମିଲ ହେବାକୁ ଅନୁରୋଧ କରାଯାଇଛି। ସଂଶୋଧନ ପ୍ରକ୍ରିୟା ସମୟରେ ଘରକୁ ଘର ବୁଲୁଥିବା ବିଏଲ୍‌ଓ ମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ପ୍ରଶାସନ ସମସ୍ତଙ୍କୁ ନିବେଦନ କରିଛି।

ଜାତୀୟ ସ୍ତରରେ ଫୁଲକଅଁଳେଇ ନୋଡାଲ ହାଇସ୍କୁଲର ବାଜିମାତ: ଓଡ଼ିଶାରେ ୫ମ ଓ ଭାରତରେ ୧୦ମ ସ୍ଥାନ ପ୍ରାପ୍ତ

କେନ୍ଦୁଝର,୧୮/୬(ନି/ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକର ଫୁଲକଅଁଳେଇ ନୋଡାଲ ହାଇସ୍କୁଲ ପାଇଁ ଆସିଛି ଏକ ଗୌରବମୟ ସଫଳତା। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ (ସ୍କୁଲ ଶିକ୍ଷା ଓ ସାକ୍ଷରତା ବିଭାଗ) ଦ୍ୱାରା ପ୍ରଦାନ କରାଯାଉଥିବା ସମ୍ମାନଜନକ 'ସ୍ୱଚ୍ଛ ଏବଂ ହରିତ ବିଦ୍ୟାଳୟ ପୁରସ୍କାର'ପାଇଁ ଦେଶବ୍ୟାପୀ ମନୋନୀତ ୧୯୧ଟି ବିଦ୍ୟାଳୟ ମଧ୍ୟରୁ ଫୁଲକଅଁଳେଇ ନୋଡାଲ ହାଇସ୍କୁଲ ଉଲ୍ଲେଖନୀୟ ସଫଳତା ହାସଲ କରିଛି।ଏହି ପ୍ରତିଯୋଗିତାରେ ବିଦ୍ୟାଳୟଟି ୯୫.୨% ସ୍କୋର କରି ଓଡ଼ିଶାରେ ୫ମ ସ୍ଥାନ ଏବଂ ସର୍ବଭାରତୀୟ ସ୍ତରରେ ୧୦ମ ସ୍ଥାନ ଅଧିକାର କରି କେନ୍ଦୁଝର ଜିଲ୍ଲା ତଥା ସମଗ୍ର ଓଡ଼ିଶା ପାଇଁ ଏକ ବଡ଼ ଗର୍ବର ବିଷୟ ପାଲଟି ଯାଇଛି । ଓଡ଼ିଶାର ୧୦ଟି ଜିଲ୍ଲା ଏହି ଜାତୀୟ ସ୍ତରର ମନୋନୟନ ପ୍ରକ୍ରିୟାରେ ସାମିଲ ଥିବାବେଳେ ଚମ୍ପୁଆର ଏହି ବିଦ୍ୟାଳୟ ନିଜର ଦକ୍ଷତା ସ୍ୱତନ୍ତ୍ରତା ପ୍ରଦର୍ଶନ କରିଛି। ସଫଳତା ସମ୍ପର୍କରେ ଖୁସି ବ୍ୟକ୍ତ କରି ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୀବନ କିଶୋର ମହାନ୍ତ କହିଛନ୍ତି, 'ଏହି ସଫଳତା କେବଳ ବିଦ୍ୟାଳୟର ନୁହେଁ, ବରଂ ଆମ ବିଦ୍ୟାଳୟ ପରିବାରର ପ୍ରତ୍ୟେକ ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମଚାରୀ, ଛାତ୍ରଛାତ୍ରୀ ଏବଂ ପରିଚାଳନା କମିଟିର ସାମୂହିକ ପ୍ରୟାସ ଏବଂ ନିରନ୍ତର ଉଦ୍ୟମର ଫଳ। ସମସ୍ତଙ୍କର ନିଷ୍ଠାପର ପ୍ରୟାସ ବିନା ଏହା ସମ୍ଭବ ହୋଇ ନଥାନ୍ତା। ଏହି ସଫଳତା ପାଇଁ ମୁଁ ବିଦ୍ୟାଳୟର ପ୍ରତ୍ୟେକ ସଦସ୍ୟଙ୍କୁ ଅନ୍ତରର ସହିତ ଧନ୍ୟବାଦ ଜଣାଉଛି। ବିଦ୍ୟାଳୟର ଏହି ସଫଳତା ଅଂଚଳରେ ଶିକ୍ଷା ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଏକ ନୂଆ ଉତ୍ସାହ ସୃଷ୍ଟି କରିଛି।

ତିନି ରଥରେ ଘୋଡା ଲାଗିବା ପାଇଁ ଚାରପରିଛା ଫିଟିଙ୍ଗ

ପୁରୀ,୧୮/୬(ନି/ପ୍ର): ଆଷାଢ ମାସ ଶୁକ୍ଲପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀଗୁଣ୍ଡିଚା ଯାତ୍ରା । ରତ୍ନବେଦିରୁ ଜନ୍ମବେଦୀକୁ ବିଜେ କରିବେ ଚତୁର୍ଦ୍ଧାମୂର୍ତ୍ତି। ରଥାରୁଢ ହୋଇ ବଡଦାଣ୍ଡରେ ଘର ଘର ନାଦ କରି ରଥ ଗଡିବ । ଏଥିପାଇଁ ବଡଦାଣ୍ଡ ସ୍ଥିତ ରାଜାନଅର ସମ୍ମୁଖ ରଥଖଳା ଚଳଚଂଚଳ ହୋଇଉଠିଛି । ରଥ ନିର୍ମାଣକାରୀ ସେବକମାନେ ତିନି ରଥର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ କରୁଛନ୍ତି । ମଙ୍ଗଳବାର ରଥ ନିର୍ମାଣର ୫୭ ତମ ଦିବସରେ ରଥ ନିର୍ମାଣକାରି ସେବକମାନେ ପୂର୍ବଦିନ ପରି ରଥଖଳା ଠାରେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ସୋମବାର ସୁଦ୍ଧା ତିନିରଥ ଉପର ତୃତୀୟ ଭୂଇଁ ଫ୍ରେମ ଉପରେ ଏକ ନମ୍ବର ବଡ଼ ଥଳ ପୋଟଳ ସ୍ଥାପନ ହେବା ସହ, ରଥ ଉପର ପଟା ବାଡ଼ିଆ ପୂର୍ବରୁ ତାଗ ବା ବଟନ୍ ବାଡ଼ିଆ କାର୍ଯ୍ୟ ଜାରୀ ରହିଥିଲା । ମଙ୍ଗଳବାର ଅପରାହ୍ନରେ ମୁଖ୍ୟ ମହାରଣାଙ୍କ ତତ୍ୱାବଧାନରେ ସହଯୋଗୀ ମହାରଣା ଭୋଇ ସେବକ ମାନେ ମିଶି ତିନି ରଥର ମୂଳ କଇଂଚି ବା ଚାରି ନାହାକା କଇଂଚି ତିନିରଥରେ ଦୁଇଟି ଲେଖାଏଁ ଉଭୟ ପାର୍ଶ୍ୱରେ ପଡ଼ିଅଛି । ଏହି କଇଂଚି ତିନିରଥ ଭୂଇଁକୁ ମଜବୁତ୍ କରି ରଖିବା ପାଇଁ ଚାରି ନାହାକା ଭିତର ପାର୍ଶ୍ୱରେ ଚାର ନାହାକା ମୂଳରୁ କ୍ରସ କରି ଫିଟିଙ୍ଗ କରାଯାଇଛି । ରଥ ଚାଳିରେ ମହାରଣା ସେବକ ମାନେ ତିନିରଥର ବାକି ପୋଟଳ ଗୁଡ଼ିକର ନିର୍ମାଣ କାର୍ଯ୍ୟ ଜାରୀ ରହିଛନ୍ତି। ମହାରଣା ସେବକ ମାନେ ତିନିରଥର ଦୁଆର ବେଢ଼ା ପାଇଁ ୮ ଟି ଲେଖାଏଁ ଗାରେଡ଼ି ଏବଂ ୪ ଗୋଟି ଲେଖାଏଁ ଅଁଳା ନିର୍ମାଣ ଶେଷ କରିଛନ୍ତି। ଆଜି ତିନିରଥ ର ଘୋଡ଼ା ସେଟିଙ୍ଗ ପାଇଁ ତିନି ରଥ ସମ୍ମୁଖ ଭାଗ ନୀରାଡ଼ି ତଳ ଭାଗରେ ଗୋଟିଏ ଗୋଟିଏ ଚାର ପରିଛା ଫିଟିଙ୍ଗ ସହ କଂଟା ପଡ଼ିବା ଶେଷ ହୋଇଛି।

କେନ୍ଦୁଝର ଓ୍ୱାକର୍ସ କ୍ଲବ ଓତା ସଭାପତି ଦାସ ଉପସଭାପତି

କେନ୍ଦୁଝର,୧୮/୬(ନି/ପ୍ର): କେନ୍ଦୁଝର ଓ୍ୱାକର୍ସ କ୍ଲବ ର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି, ଏହି ବୈଠକ ରେ ଦିବଂଗତ ସଭାପତି ଡ଼ଃ ପିସିଦାସ ଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇ ନିରବ ପ୍ରାର୍ଥନା କରାଯିବା ପରେ କ୍ଲବ ର ଆଗାମୀ କାର୍ଯ୍ୟପନ୍ଥା ଉପରେ ବ୍ୟାପକ ଆଲୋଚନା କରାଯିବା ସହିତ ଜନହିତକର କାର୍ଯ୍ୟକ୍ରମ କୁ ଆହୁରି ତ୍ୱରାନ୍ୱିତ କରାଯିବାକୁ ପ୍ରସ୍ତାବ ଗୃହୀତ ହେବା ପରେ ନୂତନ କର୍ମକର୍ତ୍ତା ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ, ଡାକ୍ତର ସଂଜୀବ ଓତା ସଭାପତି, ପ୍ରଶାନ୍ତ କୁମାର ସ୍ୱାଇଁ, ବରଦା ପ୍ରସନ୍ନ ଦାସ ଉପ ସଭାପତି, ବିଦ୍ୟାଧର ଚୌଧୁରୀ ସାଧାରଣ ସମ୍ପାଦକ, ଜନ୍ମେଜୟ ଦାସ, କିଶୋର ଜେନା ଯୁଗ୍ମ ସମ୍ପାଦକ, ଜିତେନ୍ଦ୍ର ଦାସ ସହ ସମ୍ପାଦକ, ସୁଶୀଲ କୁମାର ସାହୁ କୋଷାଧ୍ୟକ୍ଷ,ଶରତ ରାଉତ, ବିବି ମିଶ୍ର, ଧନଞ୍ଜୟ ପଣ୍ଡା, ରାମଚନ୍ଦ୍ର ତ୍ରିପାଠୀ, କରୁଣାକର ନାଏକ, ବ୍ରଜକିଶୋର ଓଝା, ସଞ୍ଜୟ ମହାପାତ୍ର, ସୁଧାଂଶୁ ସାହୁ, ଶରତ ଜେନା, ଜ୍ଞାନ ରଞ୍ଜନ ଦାଶ ପରିଚାଳନା ନିର୍ଦ୍ଦେଶକ ମଣ୍ଡଳୀ ଏବଂ ଗଣମାଧ୍ୟମ ସଂଯୋଜକ ସତ୍ୟଜିତ ସାମନ୍ତରାୟ ମନୋନୀତ ହୋଇଛନ୍ତି, ବିଗତ ଦିନ ମାନଙ୍କରେ ମାତାରିଣୀ ଓ୍ୱାକର୍ସ କ୍ଲବ ର ଲୋକକଲ୍ୟାଣ କାର୍ଯ୍ୟକ୍ରମ ବହୁଳ ପ୍ରଶଂସିତ ହୋଇଥିବାର ସାଧାରଣରେ ଆଲୋଚ୍ୟର ବିଷୟ ହୋଇ ପାରିଛି ।

ରାଜେନ୍ଦ୍ର ଡ୍ୟାମର ବିକାଶପାଇଁ ବିଧାୟକଙ୍କୁ ଭେଟିଲେ ପ୍ରତିନିଧିଦଳ

ବଲାଙ୍ଗିର,୧୮/୬(ନି/ପ୍ର): ବଲାଙ୍ଗୀର ସହରରେ ଚଳିତବର୍ଷ ୧୧ଟି ବନ୍ଧକଟାର ସଫଳତାର ପୁନଃରୁଦ୍ଧାର ହୋଇଛି । ଏହାକୁନେଇ ଜନସାଧାରଣ ଖୁସିବ୍ୟକ୍ତ କରୁଛନ୍ତି । ତେବେ ଆସନ୍ତାବର୍ଷକୁ ବଲାଙ୍ଗୀର ସହରଦେଇ ବହିଯାଇଥିବା ଲକ୍ଷ୍ମୀଯୋର ଉପରେ ନିର୍ମାଣ ହୋଇଥିବା ରାଜେନ୍ଦ୍ରଡ୍ୟାମର ବିକାଶ ପାଇଁ ୫ଟିପଡାର ଲୋକ ଦାବିକରିଛନ୍ତି । ଶନିବାର ଦିନ ଏକ ପ୍ରତିନିଧିଦଳ ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିବା ସହିତ ଏହି ପ୍ରକଳ୍ପର ବିକାଶନେଇ ଆଲୋଚନା କରିଛନ୍ତି। ରାଜେନ୍ଦ୍ରପଡାର ପ୍ରଦୀପ ମହାନ୍ତି, ସୁବ୍ରତ ମହାପାତ୍ର, ଶିବ ଗୌଡ, କୃଷ୍ଣଚନ୍ଦ୍ର ଦାନୀ,ଟଙ୍କଧର ସୁନାଙ୍କ ସହିତ ବହୁସଂଖ୍ୟା ରେ ଲୋକମାନେ ଯାଇ ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କୁ ଭେଟି ଆଲୋଚନାକରି ଦାବିପତ୍ର ପ୍ରଧାନ କରିଛନ୍ତି । ଲୋକଙ୍କ ଦାବିକୁ ନେଇ ବିଧାୟକ କ୍ଷୁଦ୍ରଜଳସେଚନ ବିଭାଗ ର ସର୍ବୋଚ୍ଚଯନ୍ତ୍ରୀଙ୍କୁ ଚିଠିଲେଖି ଅନୁଦାନ ମଗାଯିବ ବୋଲି ପ୍ରତିନିଧିଦଳଙ୍କୁ ପ୍ରତିଶୃତି ଦେଇଛନ୍ତି । ସହର ଭିତରେ ଥିବା ୧୦୦ଏକର ପରିମିତ ରାଜେନ୍ଦ୍ରଡ୍ୟାମ ୭୦ ଦଶକରେ ନିର୍ମାଣ ହୋଇଥିଲା । ରାଜେନ୍ଦ୍ରପଡାଠାରୁ ଆରମ୍ଭ କରି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଏହି ପ୍ରକଳ୍ପ ଲମ୍ବି ରହିଛି । ଏଠାରୁ ଚାଷିଙ୍କ ଜମିକୁ ଜଳସେଚନ ସହିତ ଲୋକଙ୍କ ବ୍ୟବହାର ହେଉଥିଲା । କିନ୍ତୁ ଦୀର୍ଘବର୍ଷ ହେଲା ପୁନଃରୁଦ୍ଧାର ନହେବାରୁ ଏହାର ଜଳଧାରଣ କ୍ଷମତା କମି ଯାଇଛି । ଫଳରେ ଫେବୃୟାରୀ ମାସ ସୁଦ୍ଧା ଏହି ପ୍ରକଳ୍ପରପାଣି ସୁଖିଯାଉଛି। ଏହି ଡେମଉପରେ ଡେମପଡା, ରାଜେନ୍ଦ୍ରପଡା, ଆନନ୍ଦନଗର, ସୂର୍ଯ୍ୟନଗର,ଚମାରପଡା ଇତ୍ୟାଦି ଅଂଚଳର ଲୋକ ନିର୍ଭର କରିଥାନ୍ତି । ଗରୀବ ଲୋକମାନେ ଗାଧୁଆପାଧୁଆଠାରୁ ତାଙ୍କ ନିତ୍ୟବ୍ୟବହାର୍ଯ୍ୟ ପାଣି ବ୍ୟବହାର ଏଠାରୁ କରିଥାନ୍ତି । ଏହି ପ୍ରକଳ୍ପହେଲେ ବଲାଙ୍ଗୀର ସହରର ଭୂତଳ-ଜଳସ୍ତର ମଧ ବଢ଼ିବ । ତେଣୁ ଏହି ପ୍ରକଳ୍ପର ଉନ୍ନତିକରଣର ଆବଶ୍ୟକତା ରହିଛି ବୋଲି ସ୍ଥାନୀୟଲୋକ ଦାବି କରୁଛନ୍ତି । ଏବେ ପ୍ରକଳ୍ପରୁ ମାଟିପୁନଃରୁଦ୍ଧାର କରାଯାଇ କଳେବର ବଢାଯାଇପାରିବ । ଏହାକଲେ ପ୍ରକଳ୍ପର ଜଳଧାରଣ କ୍ଷମତାବଢ଼ିବ । ଏହା ସହିତ ଏହାର ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟକରଣ କରାଗଲେ ସହରବାସୀଙ୍କ ଅବଦରବିନୋଦନ ପାଇଁ ମଧ ସୁବିଧା ହେବ ବୋଲି ଦାବି କରାଯାଇଛି । କ୍ଷୁଦ୍ରଜଳସେଚନ ବିଭାଗ ମାଟିଉନ୍ନତିକରଣ କରାଇଲେ ପୌରପାଳିକା ପକ୍ଷରୁ ଏଠାରେ ଆଲୋକୀକରଣ ଓ ସୌନ୍ଦର୍ଯ୍ୟକରଣ କରିପାରିବ ବୋଲି ଜନସାଧରଣ ଦାବିକରିଛନ୍ତି। ବିଧାୟକ ଓ ଜିଲ୍ଲାପ୍ରଶାସନ ତୁରନ୍ତ ଏଦିଗରେ ପଦକ୍ଷେପ ନେବାକୁ ଦାବିକରାଯାଇଛି ।

ପରମ୍ପରା ଓ ସଂସ୍କୃତି ପାଇଁ ଉତ୍କଳର ସ୍ୱତନ୍ତ୍ର ପରିଚୟ: ସାଂସଦ ନିମାପଡା ଶ୍ରୀ ଜଗନ୍ନାଥ ଆଂଚଳିକ ରଜ ମହୋତ୍ସବ

ଭଦ୍ରକ,୧୮/୬(ନି/ପ୍ର): ଓଡିଆଙ୍କ ପରମ୍ପରା ଓ ସଂସ୍କୃତିକୁ ନେଇ ଉତ୍କଳ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା ବେଳେ କ୍ରମଶଃ ଏହାକୁ ଉଦଯିବିତ କରି ରଖିବା ନେଇ ଆମେ ସମସ୍ତେ ପ୍ରୟାସ ଜାରି ରଖିଲେ ପର ପିଢୀଙ୍କ ପାଇଁ ଏହା ସହାୟକ ହୋଇ ପାରିବ ବୋଲି ଭଦ୍ରକ ଜିଲ୍ଲା ରାମଚନ୍ଦ୍ରପୁର ପଚାଂୟତ ନିମାପଡା ଶ୍ରୀ ଜଗନ୍ନାଥ ଆଂଚଳିକ ରଜ ମହୋତ୍ସବର ତୃତୀୟ ସାଂସ୍କୃତିକ ସଭାରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ କହିଛନ୍ତି । ଏଠାରେ ଚାରିଦିନ ବ୍ୟାପି ବିଭିନ୍ନ ପ୍ରତିଯୋଗିତା କରି ସମ୍ବର୍ଦ୍ଧନା କାର୍ଯ୍ୟକୁ ସେ ପ୍ରଶଂସା କରିଥିବା ବେଳେ ମହୋତ୍ସବର କଳେବର ବୃଦ୍ଧିରେ ପଡିଆର ଉନ୍ନତିକରଣ ପାଇଁ ସହଯୋଗ କରିବେ ବୋଲି ପ୍ରତିଶୃତି ଦେଇଥିଲେ । ମୁଖ୍ୟବକ୍ତା ଭାବେ ବିଶିଷ୍ଟ ନାଟ୍ୟକାର ତଥା ବିଜେପି ନେତା ଡ. ସୁଧାଂଶୁ ଶେଖର ନାୟକ ରଜ ମହୋତ୍ସବ ପାଳନର ବୈଜ୍ଞାନିକ ଯୁକ୍ତି ଯୁକ୍ତତାକୁ ପ୍ରତିପାଦନ କରି ଏହି ବ୍ଲକରେ ପ୍ରମୁଖ ପର୍ବ ଭାବେ ପାଳନରେ କମିଟିର ସମସ୍ତ ସଦସ୍ୟ ସହଯୋଗକୁ ପ୍ରଶଂସା କରିଥିଲେ । ରଜ ମହୋତ୍ସବ କମିଟିର ସଭାପତି ପ୍ରାକ୍ତନ ଅଧକ୍ଷ ଡ.ଶୁଭେନ୍ଦ୍ର କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆଦର୍ଶ ଶିକ୍ଷାବିତ୍ ଅଜୟ ପୃଷ୍ଟି ମଂଚ ସଂଯୋଜନା କରିଥିଲେ । ପ୍ରାକ୍ତନ ସରପଚଂ ପୂର୍ଣ୍ଣଚନ୍ଦ୍ର ରାଉତ, ଶିକ୍ଷାବିତ୍ ନାରାୟଣ ଚନ୍ଦ୍ର ସାମଲ, ଆଇନଜିବୀ ମାଧବାନନ୍ଦ ଦାସ,ସନାତନ ସେଠୀ ପ୍ରମୁଖ ଅତିଥି ଥିଲେ । ସମାଜସେବୀ ରାମନାରାୟଣ ଦାସ,ଭାଗିରଥୀ ସେଠୀ, ଶିଶୁ ଲେଖକ ନୀତିନଜିତ୍ ସାହୁ, ସଫଳ ଉଦ୍ୟାନବିତ୍ ସୁବାଷ ଚନ୍ଦ୍ର ପଣ୍ଡା, ଫଟୋ ଚିତ୍ରଶିଳ୍ପୀ ନମିତା ବେହେରା, ଅବସରପ୍ରାପ୍ତ ସାମରିକ ଅଧିକାରୀ ନିରଞ୍ଜନ ସାମଲ, ଯାତ୍ରା ଖଳ ନାୟକ କ୍ଷିତିଶ ନାୟକ,ଶ୍ରଦ୍ଧା ନୃତ୍ୟାନୁଷ୍ଠାନର କଳାକାର ଓ ରଜ କୁଇନର ବିଚାରକ ମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବାଲେଶ୍ୱରର ଶ୍ରଦ୍ଧା ନୃତ୍ୟାନୁଷ୍ଠାନର ରଙ୍ଗାରଙ୍ଗ ସଙ୍ଗୀତ, ନୃତ୍ୟ ଓ ଖଳନାୟକ କ୍ଷିତିଶଙ୍କ ସଂଳାପରେ ଦର୍ଶକ ବିମୋହିତ ହୋଇଥିଲେ । ସୂର୍ଯ୍ୟମଣୀ ରାଉଳ, ହୃଷିକେଷ ମିଶ୍ର, ଶ୍ୟାମ ସୁନ୍ଦର ଜେନା, ନକୁଳ ବାରିକ, ବିରେନ୍ଦ୍ର ବିଶ୍ୱାଳ,ବିଜୟ ବିଶ୍ୱାଳ, ଅର୍ଜୁନ ଚରଣ ବାରିକ, ସତ୍ୟସୁନ୍ଦର ପରିଡା, ସୌଭାଗ୍ୟ ରଞ୍ଜନ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

ପଟିଆଗଡ ମୁକ୍ତ ମଚଂ ନାଟକ ମହୋତ୍ସବ

ତୃତୀୟ ରାତ୍ରିରେ ଆଖି ଅବୁଝା କୁ ଲୁହ ଅବୁଝା ମଚଂସ୍ଥ

ଭୁବନେଶ୍ୱର,୧୮।୬(ନି/ପ୍ର): କେଶବ ରାଉତ ନାଟ୍ୟ ସ୍ମୃତି କମିଟି ପକ୍ଷରୁ ରଜପର୍ବ ଉପଲକ୍ଷେ ପଟିଆ ଗ୍ରାମର ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରଜ ଉତ୍ସବ ଓ ମୁକ୍ତ ମଚଂ ନାଟକ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହେଉଛି। ଆଜି ତୃତୀୟ ରଜନୀରେ ଡମଣା ଗ୍ରାମ ଶ୍ରୀ ଶ୍ରୀ ଗୋପୀନାଥ ଜୀଉ ନାଟ୍ୟ ପରିଷଦ ମଚଂସ୍ଥ କରିଛି ସାମାଜିକ ନାଟକ ଆଖି ଅବୁଝା କୁ ଲୁହ ଅବୁଝା । ରବିବାର ଠାରୁ ଆରମ୍ଭ ହୋଇଥିବା ନାଟକ ମହୋତ୍ସବର ପ୍ରଥମ ରାତ୍ରିରେ ବରିମୁଣ୍ଡ ଶ୍ରୀ ଲକ୍ଷେଶ୍ୱର ଡ୍ରାମାଟିକ୍ କ୍ଲବ କାନ୍ଦେନା ଲୁହ ସରିଯିବ ଓ ଦ୍ୱିତୀୟ ରାତ୍ରିରେ କଳାରାହାଙ୍ଗ ଶ୍ରୀ ଜଳେଶ୍ୱର ଡ୍ରାମାଟିକ୍ କ୍ଲବ ଆଖିର ଜନମ କାନ୍ଦିବା ପାଇଁ ମଚଂସ୍ଥ କରିଥିଲା। ପ୍ରତ୍ୟେକ ନାଟକ ବେଶ୍ ମନଛୁଆଁ ହେବା ସହିତ କଳାକାର ମାନଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ବାନ୍ଧିରଖିଥିଲା । ଉଦ୍‌ଘାଟନୀ ଉତ୍ସବ ରାତ୍ରିରେ ଅତିଥି ଭାବେ ନାରୀନେତ୍ରୀ ଶ୍ରୀମୟୀ ମିଶ୍ର, ଯୁବନେତା ରୁଦ୍ର ସାମନ୍ତରାୟ, ଅଭିନେତା ପ୍ରହଲ୍ଲାଦ ପଟ୍ଟନାୟକ ଓର' ହାଡୁ ଯୋଗ ଦେଇଥିଲେ। ସେହିପରି ଦ୍ୱିତୀୟ ରାତ୍ରିରେ ମୁଖ୍ୟ ଅତିଥି ଭାବେ ଉ ର ବିଧାୟକ ସୁଶାନ୍ତ କୁମାର ରାଉତ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର ପାତ୍ର, ପ୍ରତାପ ରାଉତ, ଯାତ୍ରା ଅଭିନେତା ଟିଙ୍କୁ ସାମଲ ଯୋଗଦେଇ ଓଡିଶାର କଳା ସଂସ୍କୃତିକୁ ଉଜ୍ଜୀବିତ ରଖିବା ପାଇଁ କେଶବ ରାଉତ ନାଟ୍ୟ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ନାଟକ ମହୋତ୍ସବକୁ ପ୍ରଶଂସା କରିଥିଲେ।

ଜିଲ୍ଲାରେ ଶିଶୁ ଶ୍ରମ ନିରାକରଣ ସଚେତନତା ରାଲି



ଅନୁଗୋଳ,୧୮/୬(ନି/ପ୍ର): ଶିଶୁ ଶ୍ରମ ଉଚ୍ଛେଦ ଓ ଶିଶୁ ସୁରକ୍ଷା ଗଠନ ଲକ୍ଷ୍ୟରେ ଜିଲ୍ଲାରେ ଚାଲିଥିବା ୧୫ ଦିନିଆ ଅଭିଯାନରେ ଏକ ଶିଶୁ ଶ୍ରମ ନିରାକରଣ ସଚେତନତା ରାଲି ଆୟୋଜିତ ହୋଇଯାଇଛି। ଯୁଗ୍ମ ଶ୍ରମ ଆୟୁକ୍ତଙ୍କ ପୁରୁଣା କାର୍ଯ୍ୟାଳୟ ପରିସରରୁ ବାହାରିଥିବା ଏହି ରାଲିକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର ଏବଂ ଯୁଗ୍ମ ଶ୍ରମ ଆୟୁକ୍ତ ଶ୍ରୀ କୁବେର ବେହେରା ମିଳିତ ଭାବେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶିଶୁ ଶ୍ରମ ନିରାକରଣ, ଶିଶୁମାନଙ୍କ ଅଧିକାର ସୁରକ୍ଷା, ଶିକ୍ଷାର ଅଧିକାର ଏବଂ ସେମାନଙ୍କ ସାମଗ୍ରିକ କଲ୍ୟାଣ ସମ୍ପର୍କରେ ସାଧାରଣ ଜନତାଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ହିଁ ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ।ଏହିଅବସରରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଶ୍ରୀମତୀ ଇତିଶ୍ରୀ ଗାଗରାଇ, ଭାରପ୍ରାପ୍ତ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ଦେବ ପ୍ରସାଦ ମହାନ୍ତି, ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ ଶ୍ରୀ ଗୌରୀ ଶଙ୍କର ବେହେରା ଏବଂ ବିଶ୍ୱ ଯୁବ କେନ୍ଦ୍ରର ନିର୍ଦ୍ଦେଶକ ଶ୍ରୀ ମନୋଜ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚାଇଲ୍ଡ ଲାଇନର ଅଧିକାରୀବୃନ୍ଦ, ସହକାରୀ ଶ୍ରମ ଅଧିକାରୀଗଣ, ଶ୍ରମ ବିଭାଗର କର୍ମଚାରୀ ଏବଂ ଜିଲ୍ଲାର ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତାମାନେ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି ସଚେତନତା ରାଲିଟି ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ପୁରୁଣା ଅଫିସ୍ ପରିସରରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ସ୍ଥାନୀୟ ମାର୍କେଟ୍ ପରିକ୍ରମା କରି ଜଗନ୍ନାଥ ମନ୍ଦିର ନିକଟରେ ସମାପ୍ତ ହୋଇଥିଲା।

ଭଦ୍ରକରେ ବିକାଶର ଧାରା, ଓଡ଼ିଶା ସାରା ଶୀର୍ଷକ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର

ଭଦ୍ରକ, ୧୮/୬(ନି/ପ୍ର): ଓଡ଼ିଶା ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଭଦ୍ରକ ଜିଲ୍ଲା ସଂସ୍କୃତି ଭବନଠାରେ ଆଜି "ବିକାଶର ଧାରା, ଓଡ଼ିଶା ସାରା" ଶୀର୍ଷକ ଏକ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡ. ଦିଲୀପ ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା ଏବଂ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆଲୋଚନାଚକ୍ରରେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଗତ ଦୁଇ ବର୍ଷ ମଧ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ଓ ବିକାଶମୂଳକ ପ୍ରକଳ୍ପର ସଫଳତା ଉପରେ ବିସ୍ତୃତ ଉପସ୍ଥାପନା କରିଥିଲେ। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ, ମହିଳା ଓ ଶିଶୁ ବିକାଶ, ଲକ୍ଷପତି ଦିଦି, ପିଏମ୍ ସୂର୍ଯ୍ୟ ଘର, ଭିତିଭୂମି ବିକାଶ ଓ ରୋଜଗାର ସୃଷ୍ଟି କ୍ଷେତ୍ରରେ ହୋଇଥିବା ଉଲ୍ଲେଖନୀୟ ଅଗ୍ରଗତି ସମ୍ପର୍କରେ ତଥ୍ୟ ଉପସ୍ଥାପିତ ହୋଇଥିଲା। ଡବଲ ଇଞ୍ଜିନ ସରକାରଙ୍କ ସମନ୍ୱିତ ପ୍ରୟାସ ଫଳରେ ଭଦ୍ରକ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଦିଗରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ମଧ ଆଲୋକପାତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ, କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି, ଲକ୍ଷପତି ଦିଦି ଏବଂ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇଥିଲେ।

ସ୍ୱଷ୍ଟ ଦିବାଲୋକରେ ଝୁଂଟିଆପଲା ଗ୍ରାମରେ ବନ ସମ୍ପଦ ଲୁଟ୍, ଭିଜିଲାନ୍ସ ତଦନ୍ତ ଦାବି

ଜୟପୁର,୧୮/୬(ନି/ପ୍ର): କୋରାପୁଟ ଜିଲ୍ଲା ଜୟପୁର ବନଖଣ୍ଡ ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ବିସିଂପୁର ଝୁଟିଂଆପଲା ଗ୍ରାମରେ ସ୍ୱଷ୍ଟ ଦିବାଲୋକରେ ବନ ସମ୍ପଦ ଲୁଟ ହେଉଛି। ଜୟପୁର ଭିଜିଲାନ୍ସ ଏନେଇ ତଦନ୍ତ କରିବାକୁ ଦାବି ହୋଇଛି। ଗ୍ରାମବାସୀଙ୍କ ସଚେତନତା ଓ ତତ୍ପରତା ଯୋଗୁଁ ଜଙ୍ଗଲ ଭିତରୁ ବହୁ ମୂଲ୍ୟବାନ ଟେକ କାଠ ଜବତ ହୋଇଥିବା ବେଳେ ବନ ବିଭାଗର ପେଟ୍ରୋଲିଂ ବ୍ୟବସ୍ଥାକୁ ନେଇ ଉଠିଛି ବଡ଼ ବଡ଼ ପ୍ରଶ୍ନ। ଦୀର୍ଘ ଦିନ ଧରି ଚାଲିଥିବା କାଠ ଚୋରାଚାଲାଣ ବିଷୟରେ ବନ ବିଭାଗ କିପରି ଅବଗତ ହୋଇପାରିଲା ନାହିଁ ତାହା ସାଧାରଣରେ ପ୍ରଶ୍ନ ହୋଇଛି। ଏହା ପଛରେ କୌଣସି ସଂଗଠିତ ରାକେଟ ରହିଥିବା ଅନୁମାନ କରାଯାଉଛି। ଜୟପୁର ବନଖଣ୍ଡ ବିସିଂପୁର ଝୁଂଟୀଆପଲା ଗ୍ରାମ ନିକଟସ୍ଥ ଜଙ୍ଗଲରେ କେତେକ ମୂଲ୍ୟବାନ ଟେକ ଗଛ କାଟି ଗଦା କରି ରଖାଯାଇଥିବା ଦେଖି ଗ୍ରାମବାସୀ ତୁରନ୍ତ ଘଟଣାସ୍ଥଳରେ ପହଂଚି କାଠଗୁଡ଼ିକୁ ଜବତ କରିବା ସହ ବନ ବିଭାଗକୁ ସୂଚନା ଦେଇଥିଲେ। ଖବର ପାଇ ବନ ବିଭାଗର ଅଧିକାରୀମାନେ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିଲେ ଏବଂ ପ୍ରାୟ ୭ଟି ବଡ଼ ଟେକ ଗଛର କାଠ ଜବତ କରିଥିବା ସୂଚନା ମିଳିଛି। କିନ୍ତୁ ଘଟଣାକୁ ନେଇ ଏବେ ଉଠୁଛି ଅନେକ ପ୍ରଶ୍ନ। ବନ ବିଭାଗ ପକ୍ଷରୁ ନିୟମିତ ପେଟ୍ରୋଲିଂ କରାଯାଉଥିବା ଦାବି କରାଯାଉଥିବା ବେଳେ, ଏତେ ବଡ଼ ବଡ଼ ଗଛ କାଟି ଜଙ୍ଗଲ ଭିତରେ ଗଦା କରାଯିବା ଘଟଣା କିପରି ନଜରକୁ ଆସିଲା ନାହିଁ ? ଗଛ କଟାଠାରୁ ଆରମ୍ଭ କରି କାଠ ଚୋରା ଚାଲାଣ ପର୍ଯ୍ୟନ୍ତ ସମଗ୍ର ପ୍ରକ୍ରିୟା କିପରି ବନ ବିଭାଗର ଅଜାଣତରେ ହୋଇପାରୁଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଗତ ଏକ ବର୍ଷ ଧରି ଏହି ଅଂଚଳରେ ମୂଲ୍ୟବାନ ଗଛ କାଟି ଚୋରାଚାଲାଣ ଚାଲିଆସୁଛି। ତଥାପି କାଠ ମାଫିଆଙ୍କ ବିରୋଧରେ କୌଣସି ବଡ଼ ଧରଣର ପଦକ୍ଷେପ ଦେଖିବାକୁ ମିଳିନଥିବାରୁ ଲୋକଙ୍କ ମନରେ ସନ୍ଦେହ ଆହୁରି ବଢ଼ିଛି। କେବଳ ସେତିକି ନୁହେଁ, କେତେକ ଗ୍ରାମବାସୀ ବନ ବିଭାଗର କାର୍ଯ୍ୟଶୈଳୀ ଓ ପେଟ୍ରୋଲିଂ ବ୍ୟବସ୍ଥାର ସ୍ୱଚ୍ଛତାକୁ ନେଇ ମଧ ପ୍ରଶ୍ନ ଉଠାଇଛନ୍ତି। ସେମାନଙ୍କ ମତରେ, ଯଦି ପେଟ୍ରୋଲିଂ ବ୍ୟବସ୍ଥା ସକ୍ରିୟ ଓ ପ୍ରଭାବଶାଳୀ ହୋଇଥାନ୍ତା, ତେବେ ଏତେ ପରିମାଣରେ ବନ ସମ୍ପଦ ଲୁଟ ସମ୍ଭବ ହୋଇନଥାନ୍ତା। ଏହାରି ମଧ୍ୟରେ ସାଧାରଣ ଲୋକ ଓ ପରିବେଶପ୍ରେମୀଙ୍କ ଦାବି ହେଉଛି, ସମଗ୍ର ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ। କାଠ ମାଫିଆଙ୍କ ସହ ଯଦି କୌଣସି ଅଧିକାରୀ କିମ୍ବା କର୍ମଚାରୀଙ୍କ ସମ୍ପୃକ୍ତି ଥାଏ, ତେବେ ସେମାନଙ୍କ ବିରୋଧରେ ମଧ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ତେବେ ପ୍ରଶ୍ନ ଉଠୁଛି, ବିସିଂପୁର ଝୁଟିଆପଲା ଜଙ୍ଗଲରୁ ହେଉଥିବା ବନ ସମ୍ପଦ ଲୁଟ ପଛରେ କିଏ ?

ବିବିଧା

କାହିଁକି ଜୀବନ ହାରିଦେଲେ ସଞ୍ଚିତା ? ବଡ଼ ଖୁଲାସା କଲେ ଅଭିନେତ୍ରୀଙ୍କ ବାନ୍ଧବୀ ମେଘା

ଲୋକପ୍ରିୟ ଧାରାବାହିକ 'କୁମ୍‌କୁମ୍ ଭାଗ୍ୟ' ଅଭିନେତ୍ରୀ ସଞ୍ଚିତା ଭଗତଙ୍କ ଅକାଳ ବିୟୋଗ ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ମାତ୍ର ୨୨ ବର୍ଷ ବୟସରେ ସେ ନିଜ ବାସଭବନରେ ଆତ୍ମହତ୍ୟା କରିଛନ୍ତି। ପୋଲିସ ବର୍ତ୍ତମାନ ଏହି ସମ୍ବେଦନଶୀଳ ମାମଲାର ଯାଞ୍ଚ କରୁଥିବା ବେଳେ, ସଞ୍ଚିତାଙ୍କ ସହ-ଅଭିନେତ୍ରୀ ତଥା ଅନ୍ତରଙ୍ଗ ବାନ୍ଧବୀ ମେଘା ଶର୍ମା ଏକ ଚାଞ୍ଚଲ୍ୟକର ଖୁଲାସା କରିଛନ୍ତି। ମେଘାଙ୍କ କହିବା ଅନୁଯାୟୀ, ସଞ୍ଚିତା ଦୀର୍ଘ ଦିନ ହେବ ମାନସିକ ଅବସାଦ ସହ ଲଢୁଥିଲେ ଏବଂ ଅନେକ ସମୟରେ ଜୀବନ ହାରିଦେବା କଥା କହୁଥିଲେ। ସୂଚନାଯୋଗ୍ୟ ଯେ, ସଞ୍ଚିତା ନିଜର ଏକ ପୁରୁଣା ସାକ୍ଷାତକାରରେ ଗ୍ଲାମର ଦୁନିଆ ବା ଅଭିନୟ ଜଗତକୁ ଆସିବା ପରେ ତାଙ୍କୁ କେତେ ସଂଘର୍ଷ କରିବାକୁ ପଡ଼ିଥିଲା, ସେ ବିଷୟରେ ଆଲୋଚନା କରିଥିଲେ। ଅଳ୍ପ ବୟସରେ କେତେକ ପ୍ରସିଦ୍ଧ ସିରିଏଲ୍ ମାଧ୍ୟମରେ ସେ ଦର୍ଶକଙ୍କ ମନ ଜିଣିପାରିଥିଲେ। କିନ୍ତୁ ହଠାତ୍ ତାଙ୍କର ଏଭଳି ଚରମ ନିଷ୍ପତ୍ତି ପରେ ତାଙ୍କ ପରିବାର ଓ ସାଙ୍ଗସାଥୀ ଗଭୀର ଦୁଃଖରେ ଅଛନ୍ତି। ସଞ୍ଚିତାଙ୍କ ମୃତ୍ୟୁ ପରେ ମେଘା ଶର୍ମା ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ମୁଁ ଏହି ଖବର ଶୁଣି ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛି ଏବଂ ମୋ ପାଖରେ କହିବାକୁ ଭାଷା ନାହିଁ। ମୁଁ ଶୁଣିବାକୁ ପାଇଲି ଯେ, ସେ ଫାଶୀ ଲଗାଇ ଆତ୍ମହତ୍ୟା କରିଛି। ମେଘାଙ୍କ କହିବା ଅନୁଯାୟୀ, ସଞ୍ଚିତା କିଛି ଶାରୀରିକ ସମସ୍ୟା ଦେଇ ଗତି କରୁଥିଲେ ଏବଂ ଗତ ଜାନୁଆରୀ ମାସରୁ କେତେକ ବ୍ୟକ୍ତିଗତ କାରଣ ଯୋଗୁଁ ସେ ପ୍ରବଳ ମାନସିକ ଚାପ ଓ ଅବସାଦ ମଧ୍ୟରେ ଥିଲେ। ଏଥିପାଇଁ ତାଙ୍କର ଡାକ୍ତରୀ ଚିକିତ୍ସା ମଧ୍ୟ ଚାଲିଥିଲା। ସେ ସବୁବେଳେ ହସଖୁସିରେ ରହୁଥିଲେ । ମାତ୍ର ୧୦ ଦିନ ପୂର୍ବରୁ ମୁଁ ତାଙ୍କୁ ଭେଟିଥିଲି ଏବଂ ଏକ ଅଡିସନ୍ ପାଇଁ ସାଙ୍ଗରେ ନେଇଯାଇଥିଲି। ସେଠାରେ ସେ ସିଲେକ୍ଟ ହୋଇଯିବ ବୋଲି ତା'ର ସମ୍ପୂର୍ଣ୍ଣ ଭରସା ଥିଲା, କିନ୍ତୁ ସେହି ଘଟଣାର କିଛି ଦିନ ପରେ ହଠାତ୍ ତା'ର ଫୋନ୍ ବନ୍ଦ ହୋଇଯାଇଥିଲା। ମେଘା ଏହା ମଧ୍ୟ ପ୍ରକାଶ କରିଛନ୍ତି ଯେ, ସଞ୍ଚିତା ପ୍ରାୟତଃ ନିଜ ଜୀବନ ଶେଷ କରିଦେବା କଥା କହୁଥିଲେ। ସେ ଏବଂ ସଞ୍ଚିତାଙ୍କ ମା'ଙ୍କ ସମେତ ସମ୍ପୂର୍ଣ୍ଣ ପରିବାର ତାଙ୍କୁ ସବୁବେଳେ ସକାରାତ୍ମକ ରହିବାକୁ ବୁଝାଉଥିଲେ। ପରିବାର ଓ ବନ୍ଧୁମାନେ ତାଙ୍କୁ ଏହି ମାନସିକ ସ୍ଥିତିରୁ ବାହାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଶେଷରେ ତାଙ୍କୁ ବଞ୍ଚାଇବାରେ ବିଫଳ ହୋଇଛନ୍ତି। ବର୍ତ୍ତମାନ ପୋଲିସ ଏହି ଆତ୍ମହତ୍ୟାର ପ୍ରକୃତ କାରଣ ଖୋଜିବା ପାଇଁ ତଦନ୍ତ ଜାରି ରଖିଛି। ୨୨ ବର୍ଷୀୟା ଅଭିନେତ୍ରୀ ସଞ୍ଚିତା ଭଗତଙ୍କ ଆକସ୍ମିକ ମୃତ୍ୟୁର କିଛି ଦିନ ପରେ, ତାଙ୍କ ବନ୍ଧୁ ଗୀତାଞ୍ଜଳି ପ୍ରକାଶ କରିଛନ୍ତି ଯେ କୁମ୍‌କୁମ୍ ଭାଗ୍ୟ ଅଭିନେତ୍ରୀ ମୃତ୍ୟୁବରଣ କରିବା ପୂର୍ବରୁ ମାସ ମାସ ଧରି ତାଙ୍କର ମୃତ୍ୟୁ ଇଚ୍ଛା ବିଷୟରେ ଆଲୋଚନା କରିଥିଲେ। ପରିସ୍ଥିତିର ଗମ୍ଭୀରତାକୁ ଗୁରୁତ୍ୱ ଦେଇ ଗୀତାଞ୍ଜଳି କହିଛନ୍ତି ଯେ ସେ ତଦନ୍ତରେ ସହାୟତା କରିବା ପାଇଁ ବ୍ୟକ୍ତିଗତ ବାର୍ତ୍ତାଗୁଡ଼ିକୁ ସେୟାର କରିବାକୁ ପ୍ରସ୍ତୁତ, କିନ୍ତୁ ସେଗୁଡ଼ିକୁ ସାମାଜିକ ଗଣମାଧ୍ୟମ ବିଷୟବସ୍ତୁରେ ପରିଣତ କରିବାକୁ ଚାହିଁନି ନାହିଁ। 'ଯଦି ଜଣେ ବ୍ୟକ୍ତି ଏତେ ଥର କୁହନ୍ତି ଯେ ସେ ଆତ୍ମହତ୍ୟା କରି ମରିବେ, ତେବେ ଏହା ହଠାତ୍ ନଥିଲା। ଛଅ ମାସ ଧରି ସେ କହୁଥିଲେ ଯେ ସେ ମରିବାକୁ ଚାହାନ୍ତି, ଯେ ସେ ବଞ୍ଚିବାକୁ ଚାହାନ୍ତି ନାହିଁ,' ଗୀତାଞ୍ଜଳି ଟେଲି ଚକ୍କର ଇଣ୍ଡିଆକୁ କହିଥିଲେ। ଗୀତାଞ୍ଜଳି କହିଛନ୍ତି ଯେ ସଞ୍ଚିତା ବର୍ଷ ଆରମ୍ଭରୁ ଡିପ୍ରେସନ ସହିତ ସଂଘର୍ଷ କରୁଥିଲେ। 'ସେ ଅବସ୍ଥା ଡିପ୍ରେସନରେ ଥିଲେ। ମୁଁ ଭାବୁଛି ଏହା ଜାନୁଆରୀରୁ ଆରମ୍ଭ ହୋଇଥିଲା ବୋଲି ସେ କହିଛନ୍ତି। ଗୀତାଞ୍ଜଳି ଦାବି କରିଛନ୍ତି ଯେ ଅଭିନେତ୍ରୀ କେତେକ ସମୟରେ ଦିନ ଦିନ ଧରି ଜାଗ୍ରତ ରହୁଥିଲେ।

ଏଣ୍ଟ୍ରି କଲେ କରନ୍ ଜୋହର, ରିଲିଜ୍ କଲେ ପୋଷ୍ଟର

ବଲିଉଡ ଛାଡି ମଲିଉଡ୍ ଇଣ୍ଡଷ୍ଟ୍ରିରେ ଏଣ୍ଟ୍ରି ମାରିଛନ୍ତି ଫିଲ୍ମ ମେକର ତଥା ପ୍ରଡ୍ୟୁସର କରନ ଜୋହର। ପ୍ରଥମ ଥର ଧର୍ମା ପ୍ରଡକ୍ସନ୍ ବ୍ୟାନରରେ ନିର୍ମିତ ହେବାକୁ ଯାଉଛି ମାଲାୟଲମ ଫିଲ୍ମ । ମଲିଉଡ୍ ଇଣ୍ଡଷ୍ଟ୍ରିରେ ନିଜର ପ୍ରଡକ୍ସନ ବ୍ୟାନର ଦ୍ୱାରା ନିର୍ମିତ ଫିଲ୍ମର ଟାଇଟଲ ଘୋଷଣା କରିଛନ୍ତି ବଲିଉଡ ଡିରେକ୍ଟର କରନ ଜୋହର । ନିକଟରେ ଫିଲ୍ମର ଏକ ପୋଷ୍ଟର ରିଲିଜ୍ ହୋଇଛି ଯାହାକୁ କରନ୍ ନିଜ ସୋସିଆଲ ମିଡ଼ିଆ ଆକାଉଣ୍ଟରେ ସେୟାର କରିଛନ୍ତି। ଏହି ଫିଲ୍ମ ତାଙ୍କର ପ୍ରଡକ୍ସନ୍ ବ୍ୟାନରରେ ନିର୍ମିତ ହେବ, ଯାହା ପ୍ରଯୋଜକଙ୍କ ମାଲାୟଲମ ଫିଲ୍ମ ଇଣ୍ଡଷ୍ଟ୍ରିରେ ଡେବ୍ୟୁ କରିବ। ତେବେ କରନଙ୍କ ପ୍ରଯୋଜିତ ଏହି ଫିଲ୍ମ ହେଉଛି ଓଡିୟାନ୍ । ପୃଥ୍ୱୀରାଜ ସୁକୁମାରନ୍ 'ଓଡିୟାନ୍'ରେ ନଜର ଆସିବେ । ରାହୁଲ ସଦାଶିବନ ନିର୍ଦ୍ଦେଶକ ଭାବରେ 'ଓଡିଆନ୍' ଫିଲ୍ମରେ ମୁଖ୍ୟ ଭୂମିକାରେ ଅଛନ୍ତି। ଏହି ସିନେମାରେ ପୃଥ୍ୱୀରାଜଙ୍କ ସହ ମଞ୍ଜୁ ୱାରିଅର୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ । ଏହାକୁ ନେଇ କରନ ଜୋହର ଫିଲ୍ମର ପୋଷ୍ଟର ସେୟାର କରିଛନ୍ତି ଏବଂ ଏହି ପ୍ରୋଜେକ୍ଟ ବିଷୟରେ ତାଙ୍କର ଉତ୍ସାହ ମଧ୍ୟ ସେୟାର କରିଛନ୍ତି । ସେ ଲେଖିଛନ୍ତି, 'ଧର୍ମା ମୁଭିଜ୍, ଆମେ ମାଲାୟଲମ୍ ସିନେମା ଜଗତରେ ଆମର ପ୍ରଥମ ପାଦ ପକାଉଛୁ, ଏବଂ ମୁଁ ଗର୍ବର ସହିତ କହୁଛି ଯେ ଏଥିପାଇଁ ଆମର ସର୍ବୋତ୍ତମ ଅଂଶୀଦାର ଅଛନ୍ତି। ସେ ଆହୁରି ଲେଖିଛନ୍ତି, 'ପୃଥ୍ୱୀରାଜ, ଆମେ ଏକାଠି ଅନେକ ପ୍ରୋଜେକ୍ଟରେ କାମ କରିଛୁ ଏବଂ ଭବିଷ୍ୟତରେ ଆହୁରି ଅନେକ ପ୍ରୋଜେକ୍ଟରେ ସହଯୋଗ କରିବାକୁ ଆଶା କରୁଛୁ । ରାହୁଲ ସଦାଶିବନଙ୍କ ଦ୍ୱାରା ନିର୍ଦ୍ଦେଶିତ ଆମର ଫିଲ୍ମ 'ଓଡିୟାନ୍' ଘୋଷଣା କରି ଗର୍ବିତ । ଲୋକକଥା ଏବଂ ଡରର କାହାଣୀ ଉପରେ ଆଧାରିତ ତାଙ୍କର ପ୍ରତିଭା ଆଜିର ସିନେମା କ୍ଷେତ୍ରରେ ପ୍ରକୃତରେ ଉଲ୍ଲେଖନୀୟ। ଏହି କାହାଣୀକୁ ପରଦାରେ ଜୀବନ୍ତ କରି ଦେଖାଉଛନ୍ତି ମଞ୍ଜୁ ୱାରିଅର ଏବଂ ପୃଥ୍ୱୀରାଜ। 'ଓଡିଆନ୍' ଚଳଚ୍ଚିତ୍ରଟି କରନ୍ ଜୋହର, ଅଦାର ପୁନାୱାଲା, ଅପୂର୍ବ ମେହେଟା ଏବଂ ସୁପ୍ରିୟା ମେନନଙ୍କ ଦ୍ୱାରା ପ୍ରଯୋଜିତ । ଫିଲ୍ମର କାହାଣୀ କେରଳର ଲୋକକଥାରୁ ଜନ୍ମିତ ଏକ ଭୟଙ୍କର 'ରୂପ ପରିବର୍ତ୍ତନକାରୀ ଜୀବ ' ଉପରେ ଆଧାରିତ । ଯେଉଁଥିରେ ପୌରାଣିକ କାହାଣୀ ସହ ମନୋବୈଜ୍ଞାନିକ ଗଭୀରତାର ଏକ ମିଶ୍ରଣ ଦେଖିବାକୁ ମିଳିବ। ଏହାକୁ ରାହୁଲ ସଦାଶିବନଙ୍କ ନିର୍ଦ୍ଦେଶନାରେ ନିର୍ମିତ ସବୁଠାରୁ ବଡ଼ ପ୍ରକଳ୍ପ ଭାବରେ ବିବେଚନା କରାଯାଉଛି।

'କଲ୍କି-୨ 'ରେ ଆଲିଆଙ୍କ ଏଣ୍ଟ୍ରି, ଦୀପିକା ଆଉଟ୍

ବହୁ-ପ୍ରତୀକ୍ଷିତ ଫିଲ୍ମ 'କଳ୍କି ୨୮୯୮ ଏଡି'ର ସିକ୍ୱେଲକୁ ନେଇ ଇଣ୍ଡଷ୍ଟ୍ରିରେ ଚର୍ଚ୍ଚା । ସଦ୍ୟ ରିପୋର୍ଟ ଅନୁସାରେ, ଏହି ମହତ୍ୱାକାଂକ୍ଷୀ ସାଇନ୍ସ-ଫିକ୍ସନ୍ ପ୍ରୋଜେକ୍ଟରେ ଏଣ୍ଟ୍ରି କରିଛନ୍ତି ଆଲିଆ ଭଟ୍ଟ । ସିକ୍ୱେଲରେ ଦୀପିକା ପାଦୁକୋନଙ୍କ ଚରିତ୍ର କିଏ ନିର୍ବାହ କରିବ, ତାକୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ ଏହି ଖବର ସବୁରି ଧ୍ୟାନ ଆକର୍ଷଣ କରିଛି। ରିପୋର୍ଟ ଅନୁସାରେ, 'କଳ୍କି ୨ 'ରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଆଲିଆଙ୍କୁ କାଷ୍ଟ କରାଯାଇଛି। ତେବେ ଦୀପିକାଙ୍କ ସ୍ଥାନରେ ତାଙ୍କୁ କାଷ୍ଟ କରାଯାଇ ନାହିଁ। ତାଙ୍କ ଚରିତ୍ର ବିଷୟରେ କୌଣସି ସୂଚନା ଏପର୍ଯ୍ୟନ୍ତ ଫିଲ୍ମ ଟିମ୍ ପକ୍ଷରୁ ମିଳିନାହିଁ। ସିକ୍ୱେଲର ଏକ ମୁଖ୍ୟ ଅଂଶର ବର୍ଣ୍ଣନାରେ ଆଲିଆ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ ବୋଲି ଜଣାପଡ଼ିଛି । ରିପୋର୍ଟ ଆହୁରି ସ୍ପଷ୍ଟ କରିଛି, ଆଲିଆ ପ୍ରୋଜେକ୍ଟର ସୁଟିଂ ଆରମ୍ଭ କରିସାରିଛନ୍ତି। ୨ୟ ପର୍ଯ୍ୟାୟ ସୁଟିଂ ପାଇଁ ନିକଟରେ ସେ ହାଇଦ୍ରାବାଦରେ ଫିଲ୍ମ ଟିମ୍ ଓ କଳାକାରଙ୍କ ସହ ଯୋଗ ଦେଇଥିଲେ। ଏବେ ପ୍ରାୟ ୫ ଦିନର ସୁଟିଂ ସେ ଶେଷ କରିସାରିଛନ୍ତି। ୨୦୨୭ ଶେଷ ବେଳକୁ ଫିଲ୍ମ ରିଲିଜ୍ କରିବାକୁ ନିର୍ମାତାଙ୍କର ଯୋଜନା ରହିଛି। ନାଗ ଅଶ୍ୱିନଙ୍କ ନିର୍ଦ୍ଦେଶିତ 'କଳ୍କି'ରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ପ୍ରଭାସ, ଅମିତାଭ ବଚ୍ଚନ, କମଲ ହାସନ, ଦୀପିକା ପାଦୁକୋନ ଓ ଦିଶା ପଟାନି । ଦୀପିକାଙ୍କ ବାଦ ସମସ୍ତଙ୍କୁ ସିକ୍ୱେଲରେ ଦେଖିବାକୁ ମିଳିପାରେ। ରିପୋର୍ଟର ଟାଇମ୍ସ ସହିତ କଥାବାର୍ତ୍ତା କରି, ପ୍ରୋଜେକ୍ଟର ଜଣେ ମୁଖପାତ୍ର ସ୍ପଷ୍ଟ ଭାବରେ ମନା କରିଦେଲେ ଯେ ଆଲିଆ ଭଟ ଫିଲ୍ମ ପାଇଁ ସୁଟିଂ କରିଛନ୍ତି। ଚାଲିଥିବା ଚର୍ଚ୍ଚାର ଜବାବରେ, ସେମାନେ କହିଛନ୍ତି, 'ସୁଟିଂ ନାହିଁ,' ଅଭିନେତା ପୂର୍ବରୁ ତାଙ୍କ ଅଂଶର ଫିଲ୍ମ କରିସାରିଛନ୍ତି ବୋଲି ଦାବିକୁ ଖଣ୍ଡନ କରି। ପୂର୍ବରୁ ସିକ୍ୱେଲରେ ତାଙ୍କ କାଷ୍ଟିଂ ବିଷୟରେ ସୂଚନାକୁ ମଧ୍ୟ ସମର୍ଥନ କରିଥିଲେ। ଯଦିଓ ସେମାନେ ଏହି ସମ୍ବାଦକୁ ସମ୍ପୂର୍ଣ୍ଣ ଭାବରେ ଖଣ୍ଡନ କରିନଥିଲେ, ସେମାନେ ସ୍ପଷ୍ଟ କରିଥିଲେ ଯେ ଏପର୍ଯ୍ୟନ୍ତ କିଛି ଚୂଡ଼ାନ୍ତ ହୋଇନାହିଁ। 'ଏପର୍ଯ୍ୟନ୍ତ କୌଣସି ସରକାରୀ ସ୍ପଷ୍ଟତା ନାହିଁ। କେହି ଜଣେ ଏହାକୁ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ, ଏବଂ ଅନ୍ୟ ସମସ୍ତେ ଏହାକୁ ଖବର ଭାବରେ କପି ଏବଂ ପୋଷ୍ଟ କରିଥିଲେ। ତାଙ୍କ କାଷ୍ଟିଂ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟତା ନାହିଁ,' ସେମାନେ ଆହୁରି କହିଛନ୍ତି।

ଜଳ ଶୁଷ୍କତାକୁ ଦୂର କରିବାରେ କାହାର କ୍ଷମତା ଅଧିକ ?

ଗରମ ଦିନେ ଶରୀରର ଜଳ ଅଭାବକୁ ଦୂର କରିବା ଖୁବ୍ ଜରୁରି । ଏହି ସମସ୍ୟାକୁ ଦୂର କରିବାକୁ ପ୍ରାୟ ସମସ୍ତେ କିଛି ନା କିଛି ପ୍ରୟାସ କରିଥାନ୍ତି। କେମିତି ଦୂର କରିପାରିବେ ଶରୀରର ଜଳ ଶୁଷ୍କତା ? ଗରମ ଦିନେ କିଛି ଲୋକ ଆଖୁ ରସ ପିଇବାକୁ ଗୁରୁତ୍ୱ ଦେଉଥିବା ବେଳେ ଆଉ କିଛି ଲୋକ ନଡିଆ ପାଣିକୁ ପ୍ରାଥମିକତା ଦେଇଥାନ୍ତି। ତାଙ୍କୁ ଜାଣିବା ଉଭୟ ପ୍ରାକୃତିକ ପାନୀୟ ହୋଇଥିବା ବେଳେ କାହାର ଗୁରୁତ୍ୱ କେତେ ? ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରବଳ ଗରମ ସାଙ୍ଗକୁ ଝାଞ୍ଜି ବଢ଼ିବାରେ ଲାଗିଛି। ଏହି ସ୍ଥିତିରେ ଖାଦ୍ୟପାନୀୟକୁ ଖାସ୍ ଧ୍ୟାନ ଦେବା ଆବଶ୍ୟକ। ଥଣ୍ଡା ପାନୀୟ ସହ ସବୁଜ ପନିପରିବାକୁ ଡାଏଟ୍‌ରେ ସାମିଲ୍ କରିବା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଗରମରେ ଶରୀରକୁ ଥଣ୍ଡା ରଖିବା ଦିଗରେ ଜୁସ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ସେଥିପାଇଁ ପଇଡ଼ ପାଣିର ଚାହିଦା ବଢ଼ିବାରେ ଲାଗିଛି । ଏଥିରେ ଥିବା ପୋଷକ ତତ୍ତ୍ୱ ହାଡ଼କୁ ମଜବୁତ କରିବା ସହ ଇମ୍ୟୁନିଟିକୁ ବଢ଼ାଇଥାଏ। ସେହିପରି ପାଚନ ତନ୍ତ୍ରକୁ ସୁସ୍ଥ ରଖିବା ସହ ଶରୀର ଜଳ ଶୁଷ୍କତାକୁ ଦୂର କରିଥାଏ। ପଇଡ଼ ପାଣି: ଏହାକୁ ପ୍ରାକୃତିକ ଶକ୍ତିବର୍ଦ୍ଧକ ପାନୀୟ କୁହାଯାଏ। ଏହା ହାଲ୍କା ମିଠା ସାଙ୍ଗକୁ ଥଣ୍ଡା ପାନୀୟ। ଏଥିରେ ପ୍ରାକୃତିକ ଇଲେକ୍ଟ୍ରୋଲାଇଟ୍ ରହିଥାଏ। ଯେପରିକି ପୋଟାସିୟମ୍, ସୋଡିୟମ୍, ମ୍ୟାଗ୍ନେସିୟମ୍ ଓ କ୍ୟାଲସିୟମ୍। ଏସବୁ ତତ୍ତ୍ୱ ଶରୀରରେ ପାଣିର ଅଭାବକୁ ଦୂର କରିଥାଏ। ଏହାବ୍ୟତୀତ ପଇଡ଼ ପାଣିରେ କମ୍ କ୍ୟାଲୋରୀ ରହିଥାଏ । ପଇଡ଼ ପାଣି ପିଇବା ଦ୍ୱାରା ପେଟ ଥଣ୍ଡା ରହିବା ସହ ହଜମ ପ୍ରକ୍ରିୟା ଠିକ୍ ହୋଇଥାଏ । ତା' ସହିତ ତ୍ୱଚାରେ ମଧ୍ୟ ଚମକ ଆସିଥାଏ। ଆଖୁ ରସ: ଖରାଦିନେ ବହୁ ଲୋକ ଆଖୁ ରସ ପିଇବାକୁ ପସନ୍ଦ କରିଥାନ୍ତି। ଏହା ମିଠା, ଥଣ୍ଡା ଓ ସତେଜତାରେ ଭରପୂର। ଏହା ପ୍ରାକୃତିକ ଶର୍କରାରେ ଭରା। ଆଖୁ ରସ ତୁରନ୍ତ ଶକ୍ତି ପ୍ରଦାନ କରିଥାଏ। ଏଥିରେ ଆଇରନ, ମ୍ୟାଗ୍ନେସିୟମ୍, କ୍ୟାଲସିୟମ୍, ପୋଟାସିୟମ୍ ରହିଥାଏ, ଯାହା ଶରୀରରେ ଜଳର ଅଭାବକୁ ଦୂର କରିବା ସହ ଥକାପଣକୁ ଦୂରେଇ ଥାଏ । ଏହା ଲିଭରରୁ ବିଷାକ୍ତ ପଦାର୍ଥକୁ ବାହାର କରିଥାଏ। ଜଳ ଶୁଷ୍କତା ଦୃଷ୍ଟିରୁ ଦେଖିବାକୁ ଗଲେ ପଇଡ଼ ପାଣି ଆଖୁରସ ତୁଳନାରେ ଅଧିକ ପ୍ରଭାବଶାଳୀ । କାରଣ ପଇଡ଼ ପାଣି ହାଲ୍କା ହେବା ସହ ଇଲେକ୍ଟ୍ରୋଲାଇଟସ୍ର ସନ୍ତୁଳନ ବଜାୟ ରଖିଥାଏ । ତା' ସହିତ ଶରୀରର ସତେଜତା ବଜାୟ ରଖିଥାଏ।। ଆଖୁରସ ଶରୀରକୁ ଶକ୍ତି ପ୍ରଦାନ କରିଥାଏ । ଏହା ଥକାପଣ ଦୂର କରିବା ସହ ସତେଜତା ବଜାୟ ରଖିଥାଏ। ସାଧାରଣତଃ ଗ୍ରୀଷ୍ମ ଦିନରେ ତାତିରୁ ରକ୍ଷା ପାଇଁ ଲୋକମାନେ ବେଶି ପଇଡ ଓ ଆଖୁରସକୁ ପସନ୍ଦ କରିଥାଆନ୍ତି। ଆଖୁରସ ଓ ପଇଡ ପାଣି ପିଇଲେ ଖରା ଦିନେ ଆପଣଙ୍କ କ୍ଲାନ୍ତି ଦୂର କରିଥାଏ। ପେଟକୁ ଥଣ୍ଡା ରଖିବା ସହିତ ଶରୀରକୁ ସତେଜ ରଖିବାରେ ଏହି ଦୁଇ ପାନୀୟ ଥକାପଣକୁ ଦୂର କରିଥାଏ। ଖରା ଦିନେ ଆପଣମାନେ ଦେଖିବେ ବେଶି ପରିମାଣରେ ଏହି ଦୁଇଟି ପାନୀୟ ଦୋକାନରେ ଲୋକଙ୍କ ଭିଡ ଜମିଥିବାର ଦେଖିବାକୁ ମିଳେ। ବଜାରରେ ବିକ୍ରି ହେଉଥିବା ବିଭିନ୍ନ କମ୍ପାନୀର ଥଣ୍ଡା ପାନୀୟକୁ ବ୍ୟବହାର ନକରି ପଇଡ ପାଣି ଓ ଆଖୁ ରସ ପାନ କଲେ ଦେହ ପାଇଁ ବହୁତ ଉପକାର ମିଳିଥାଏ। ତେଣୁ କରି ଗ୍ରୀଷ୍ମ ପ୍ରବାହରେ ଏହି ଦୁଇଟି ପାନୀୟ ଜଳ ଶରୀର ପାଇଁ ବହୁତ ଉପକାର ମିଳିଥାଏ।

ଉତ୍କଳ ସମାଚାର

ସମ୍ପାଦକୀୟ...

ଶୁକ୍ରବାର ୧୯ ଜୁନ୍ ୨୦୨୬

ସୃଷ୍ଟି ପାଇଁ ମାଟି

ପୃଥିବୀ ସୃଷ୍ଟିର ଅନେକ ରହସ୍ୟ ମଧ୍ୟରୁ ଗୋଟିଏ ଗ୍ରହଣୀୟ ଯେ ଏହା ଉନ୍ତପ୍ତ ଗ୍ୟାସୀୟ ତରଳପଦାର୍ଥର ଶୀତଳୀକୃତ ଏକ କଠିନ ଆବରଣଯୁକ୍ତ ପିଣ୍ଡ। ସହସ୍ର ନିୟୁତ ବର୍ଷ ଧରି ପ୍ରାକୃତିକ ଶକ୍ତିଗୁଡ଼ିକ ପ୍ରଭାବରେ କଠିନ ଶିଳା ବିତାଡ଼ିତ, ବିଖଣ୍ଡିତ ତଥା ବିଘଟିତ ହୋଇ ସୃଷ୍ଟି କରିଛି ମାଟି, ଯାହା ଭୂପୃଷ୍ଠକୁ ଆଚ୍ଛାଦିତ କରି ରଖିଛି। ସେ ସୁଉଚ୍ଚ ଗିରିଶୃଙ୍ଗ ହେଉ କିମ୍ବା ସମୁଦ୍ର ତଟାଣ ଅବା ସୁବିସ୍ତୃତ ସମତଳ ପ୍ରାନ୍ତର ସବୁଠି ମାଟିର ଉପସ୍ଥିତି ଦୃଶ୍ୟମାନ। କେବଳ ଫରକ ଆକାର, ସଙ୍ଗଠନ, ସଂରଚନା ଆଉ ରଙ୍ଗରେ। ମାଟିର ଏମିତି ବିଭିନ୍ନତା ପଛରେ ରହିଛି କେବଳ ଭୌଗୋଳିକ, ଜଳବାୟୁ ଏବଂ ଶିଳାଉତ୍ସର ବିବିଧତାଗତ କାରଣ। ଏସବୁ ସତ୍ତ୍ୱେ ମାଟି ସର୍ବତ୍ର ସାଜିଛି ସୃଷ୍ଟି ସର୍ଜନାର ମୂଳମନ୍ତ୍ର। ଏକକୋଷୀ ଜୀବରୁ ଆରମ୍ଭ ହୋଇଥିବା ଜୀବନ୍ତ ପୃଥିବୀର ଅଭିଯାନ ବିବର୍ତନବାଦକୁ ଆୟୁଧ କରି ସମ୍ପ୍ରତି ପହଚିଂଛି ମଣିଷ ପରି ଉନ୍ନତ ଜୀବ ଓ ବୃକ୍ଷଲତା ପାଖରେ। ଏହି କାମରେ ମାଟି ଯେ କେବଳ ଜୀବସନ୍ତାର ପ୍ରାରମ୍ଭିକ କର୍ନ୍ତା ସାଜିଛି ତା ନୁହେଁ ବରଂ ଖଞ୍ଜି ଦେଇଛି ଜୀବିକାର ଉତ୍ସ, ଅମାପ ପ୍ରାକୃତିକ ସମ୍ପଦର ଭଣ୍ଡାର ଆଉ ଅଜାଡ଼ି ଦେଇଛି ଅକଳନୀୟ ଶକ୍ତିର ଉତ୍ସ। ହେଲେ ସମୟକ୍ରମେ ମାଟି ସହିତ ଅଙ୍ଗାଙ୍ଗୀ ଭାବେ ଯୋଡ଼ି ହୋଇ ଆସିଥିବା ମଣିଷର ଆର୍ଥିକ, ସାମାଜିକ, ସାଂସ୍କୃତିକ ଏବଂ ଧାର୍ମିକ ଭାବଧାରା ଧୀରେ ଧୀରେ ହ୍ରାସ ପାଉଥିବା ପରିଲକ୍ଷିତ ହେଉଛି। କିଛି ଅଂଶରେ ମାଟି ସହିତ ମଣିଷର ସମ୍ପର୍କ ସଙ୍କୁଚିତ ହୋଇଯାଉଛି ତ ଆଉ କିଛି ଭାଗରେ ମାଟି ଉପରେ ମଣିଷର ଉତ୍ପୀଡ଼ନ ବଢ଼ିଚାଲୁଛି। ମାଟିରୁ ମୋହ ଭାଙ୍ଗିଯାଉ କିମ୍ବା ମଣିଷ ପାଇଁ ମାଟି ଦୁଷ୍ପ୍ରାପ୍ୟ ହେଉ ଉଭୟ ପରିସ୍ଥିତି ଭବିଷ୍ୟତ ବିଶ୍ୱ ପାଇଁ ଉଦ୍‌ବେଗଜନକ। ଏହି ପ୍ରସଙ୍ଗରେ ମିଳିତ ଜାତିସଂଘ ସାଧାରଣ ପରିଷଦ ୨୦୧୩ ମସିହାରେ ଡିସେମ୍ବର ୫ ତାରିଖକୁ ବିଶ୍ୱ ମୃତ୍ତିକା ଦିବସ ରୂପେ ପାଳନ କରିବା ପାଇଁ ବିଧିବଦ୍ଧ ଘୋଷଣା କରନ୍ତି। ଏହାକୁ ଆଉ ଟିକେ ପ୍ରାଧାନ୍ୟ ଦେବାକୁ ଯାଇ ମିଳିତ ଜାତିସଂଘ ଖାଦ୍ୟ ଓ କୃଷି ସଂସ୍ଥା ୨୦୨୫ ମସିହା ଅନ୍ତର୍ଜାତୀୟ ମୃତ୍ତିକା ବର୍ଷ ଭାବେ ପାଳନ କରୁଛି, ଯାହାର ପୂର୍ତ୍ତି ଏ ବର୍ଷ ଡିସେମ୍ବର ୫ ତାରିଖ ଅର୍ଥାତ୍ ବିଶ୍ୱ ମୃତ୍ତିକା ଦିବସ ଅବସରରେ ମନାଯାଉଛି। ସୁସ୍ଥ ମାଟି ଖାଦ୍ୟ, ବସ୍ତ୍ର, ଜାଳେଣି, ଔଷଧ ଇତ୍ୟାଦି ଯୋଗାଣରେ ଏକମାତ୍ର ଉତ୍ସ ଭାବେ ପରିଗଣିତ। ମାଟି ଆମ ପରିବେଶ ପରିସଂସ୍ଥା ପାଇଁ ଏକ ଅନିବାର୍ଯ୍ୟ ଅଙ୍ଗ। ପରିବେଶର ଅତି ଦରକାରୀ ଅଙ୍ଗାରଚକ୍ର ପାଇଁ ମାଟି ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ପୃଷ୍ଠତଳ ସଂଗୃହୀତ କରି ରଖିବା, ବିଶୁଦ୍ଧ ଭୂତଳ ଜଳ ଉତ୍ସ ସୃଷ୍ଟି ଓ ଜଳ ପ୍ରଦାନ କରିବା ତଥା ବନ୍ୟ, ମରୁଡ଼ି ଆଦି ପ୍ରାକୃତିକ ବିପର୍ଯ୍ୟୟକୁ ପ୍ରଶମିତ କରିବା ଦିଗରେ ମାଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହି ମାଟି ଜୈବିକ ଅଙ୍ଗାରକର ସର୍ବ ବୃହନ୍ତମ ଭଣ୍ଡାର ଯାହା ଜଳବାୟୁ ପରିବର୍ନ୍ତନଜନିତ ପ୍ରତିକୂଳ ପ୍ରଭାବକୁ ପ୍ରଶମନ ତଥା ଖାପ୍ ଖୁଆଇ ନେବାରେ ସାହାଯ୍ୟ କରିଥାଏ। ପ୍ରାୟ ୮୦୦ କୋଟିରୁ ଅଧିକ ବିଶ୍ୱ ଜନସଂଖ୍ୟାରେ ଅନେକ ଲୋକ ଅର୍ଦ୍ଧାହାର, ଅନାହାର, କୁପୋଷଣର ଶିକାର ହୋଇ ଚାଲିଛନ୍ତି। ମିଳିତ ଜାତିସଂଘ ଖାଦ୍ୟ ଓ କୃଷି ସଂସ୍ଥାର ନିର୍ଦ୍ଦେଶକ ଜୋସେ ଗ୍ରାଜିଆନେ ଡି ସିଲ୍‌ଭାଙ୍କ ମତାନୁଯାୟୀ ବର୍ନ୍ତମାନର ଜନସଂଖ୍ୟା ବୃଦ୍ଧି ପାଖାପାଖି ୬୦ ପ୍ରତିଶତ ଅଧିକ ଖାଦ୍ୟ ଉତ୍ପାଦନ ଦରକାର କରେ। ମାତ୍ର ପରିତାପର ବିଷୟ ଏହିକିଯେ ଏତାଦୃଶ ସ୍ଥିତିରେ ବିଶ୍ୱର ୩୩ ପ୍ରତିଶତ ମୃତ୍ତିକା ସମ୍ପଦ ଅବକ୍ଷୟଗାମୀ। ମାଟି ଉପରେ ମଣିଷର ଅତ୍ୟଧିକ ବହୁମୁଖୀ ଚାପ ଏହାକୁ ତାର ସର୍ବନିମ୍ନ କାର୍ଯ୍ୟ ସମ୍ପାଦନ କରିବାରେ ବାଧା ସୃଷ୍ଟି କରିଚାଲିଛି। ମାଟିର କ୍ଷଣିକ ତଥା ଲାଭଦାୟକ ବ୍ୟବହାର ପାଇଁ ଏହାର ଅବକ୍ଷୟ, ସଙ୍କୋଚନ, ମୃତ୍ତିକା ବନ୍ଧନ, ଲବଣତା ବୃଦ୍ଧି, ଜୈବାଂଶ ପ୍ରତିହତ, ପୋଷଣହୀନତା, ଅମ୍ଳବୃଦ୍ଧି ତଥା ଅନ୍ୟାନ୍ୟ ପ୍ରଦୂଷଣ ମାତ୍ରା ଧୀରେ ଧୀରେ ବଢ଼ିଚାଲିଛି। ଏପରି ସ୍ଥିତି ଲାଗି ରହିଲେ ୧୯୬୦ ମସିହାରେ ମୁଣ୍ଡପିଛା ଉତ୍ପାଦନ କ୍ଷମତାଶୀଳ ମାଟି ଯେତିକି ଥିଲା ତାହା ୨୦୫୦ ମସିହା ବେଳକୁ ଏକ ଚତୁର୍ଥାଂଶରେ ପହଁଞ୍ଚିବ। ଗୋଟିଏ ସେ[ମିଟର ମୃତ୍ତିକା ସୃଷ୍ଟି ହେବା ପାଇଁ ପ୍ରକୃତିକୁ ୧୦୦୦ ବର୍ଷ ପର୍ଯ୍ୟନ୍ତ ସମୟ ଲାଗୁଥିଲା ବେଳେ ଆମେ ତାକୁ ୧୦୦୦ ଦିନରୁ କମ୍ ସମୟରେ ନଷ୍ଟ କରିଦେଉଛୁ। ନିରନ୍ତର ଉନ୍ନତିରେ ଖାଦ୍ୟ ସୁରକ୍ଷା ଓ ପୋଷଣ ଅନ୍ୟତମ ଅପରିହାର୍ଯ୍ୟ ଉପାଦାନ ଯାହା କେବଳ ସୁସ୍ଥ ମାଟି ହିଁ ପ୍ରଦାନ କରିଥାଏ। ମାତ୍ର କ୍ରମାଗତ ଭାବେ ନଷ୍ଟ ହୋଇ ଚାଲିଥିବା ମାଟି ଏବେ ପାସୋରି ହୋଇଯାଇଥିବା ଗୋଟେ ସମ୍ପଦର ସ୍ଥିତିରେ ଦଣ୍ଡାୟମାନ। ଜୈବବିବିଧତାର ଏକ ଚତୁର୍ଥାଂଶ ମାଟି ତଳେ ଅବସ୍ଥାନ କରୁଥିବାର ଦେଖାଯାଇଥାଏ। ଅସଂଖ୍ୟ ଅଣୁଜୀବ ଅଦୃଶ୍ୟ ଭାବେ ଅସୁମାରି କାମ କରିଚାଲିଥାନ୍ତି। ପଚାସଢ଼ା ମଇଳା ପଦାର୍ଥକୁ ବିଘଟନ କରି ପରିବେଶକୁ ବିଶୁଦ୍ଧ କରିଥାନ୍ତି ଏମାନେ। ମାଟିର ସଂସ୍ପର୍ଶରେ ସମ୍ଭବ ହୋଇଥାଏ ମଞ୍ଜିର ଅଙ୍କୁରୋଦ୍‌ଗମ, ବିସ୍ତାରିତ ହୁଅନ୍ତି ବୃକ୍ଷରାଜି ଆଉ ସବୁଜିମା। ଏହା ବିଶ୍ୱର ବୃହତ୍ ବିସ୍ମୟ ନୁହେଁ ତ ଆଉ କ'ଣ ? ପ୍ରକୃତିର ପରିଚର୍ଯ୍ୟା ଏବଂ ପର୍ଯ୍ୟାବରଣ ପ୍ରତିଷ୍ଠା ପାଇଁ ପ୍ରତ୍ୟେକଟି ଉପାଦାନ ଖଞ୍ଜି ଦେଇଛି ମାଟି। ମାଟିର ସ୍ତରୀୟ ସଂରଚନା ଦେଇ ଭୂଗର୍ଭଗାମୀ ଭୂପୃଷ୍ଠଜଳର ବିଶୁଦ୍ଧୀକରଣ ପ୍ରକ୍ରିୟା ଯେ କୌଣସି ବୈଜ୍ଞାନିକ ଉପକରଣ ଠାରୁ ଉନ୍ନତମାନର ତାହା ନିଃସନ୍ଦେହ। କିନ୍ତୁ ମାଟିର ଏହି ମହନୀୟତାକୁ ଆମେ କ୍ରମଶଃ ହରାଇବାକୁ ବସିଛୁ। ମଣିଷର ଅପରିଣାମଦର୍ଶୀ ସ୍ୱେଚ୍ଛାଚାରିତାର ଶିକାର ହୋଇଚାଲିଛି ମାଟି। କୁଢ଼ କୁଢ଼ ବର୍ଜ୍ୟବସ୍ତୁର ଆବରଣରେ ଅଦୃଶ୍ୟ ହୋଇ ଚାଲିଛି ମାଟି। ସ୍ୱଳ୍ପ ଜମିରୁ ଅଧିକ ଉତ୍ପାଦନର ଆବଶ୍ୟକତାକୁ ଚରିତାର୍ଥ କରିବାକୁ ଯାଇ ମାଟିରେ ରାସାୟନିକ ସାର, କୀଟନାଶକ, ଜୈବପ୍ରଯୁକ୍ତିର ବହୁଳ ପ୍ରୟୋଗ ମାଟିର ମାନକୁ ନିମ୍ନଗାମୀ କରିପକାଇଲାଣି। ମାଟି ପାଇଁ ସୃଷ୍ଟି ବଚିଂ ରହିଥିବା ବେଳେ ମରିଯାଉଥିବା ମାଟିକୁ ବଚାଂଇବା, ସଂକ୍ରମିତ ମାଟିକୁ ସୁସ୍ଥ କରିବାର ପ୍ରୟାସ ସମଗ୍ର ମାନବ ସମାଜର କାମ୍ୟ ହେବା ଜରୁରୀ।

ଫୁଟବଲର ଇନ୍ଦ୍ରଜାଲ

ଫୁଟବଲ ଯେ ବିପୁଳ ଉଲ୍ଲାସ ପ୍ରଦାନକାରୀ ଏକ କ୍ରୀଡ଼ା ମାତ୍ର ନୁହେଁ, ପ୍ରେରଣା ଯୋଗାଉଥିବା ଶିକ୍ଷକଙ୍କ ଭଳି ଏହା କାହା କାହାର ଜୀବନ ଦର୍ଶନକୁ ମଧ୍ୟ ପ୍ରଭାବିତ କରି ପୃଥିବୀର ସର୍ବକାଳୀନ ମହାନତମ ଲେଖକଙ୍କ ମଧ୍ୟରୁ ଜଣଙ୍କୁ ସୃଷ୍ଟି କରିପାରେ, ତାହାର ପ୍ରମାଣ ହେଉଛନ୍ତି ଫରାସୀ ଲେଖକ ଆଲବର୍ଟ କାମ୍ୟୁ। ଆଲଜେରିଆର ରାଜଧାନୀ ଆଲଜିଏର୍ସର ଏକ ଦରିଦ୍ର ବସ୍ତିରେ ଛେଉଣ୍ଡ କାମ୍ୟୁ ବଡ଼ ହେଉଥିବା ବେଳେ କତରା କନାର ପିଣ୍ଡୁଳାକୁ ଏକ ପେଣ୍ଡୁ ରୂପେ ବ୍ୟବହାର କରି ଖେଳୁଥିଲେ ଏବଂ ତଦ୍ୱାରା ସ୍କୁଲ ଜୋତା ଖରାପ ହୋଇଯାଉଥିବାରୁ ବଦ୍‌ରାଗୀ ଜେଜେମା'ଙ୍କ ଠାରୁ ପ୍ରହାର ମଧ୍ୟ ଖାଉଥିଲେ। 'ରେସିଙ୍ଗ ୟୁନିଭର୍ସାୟାଟର୍ସ ଆଲଜେରିଅସ' ନାମକ ଦଳରେ ସେ ଥିଲେ ଗୋଲ କିପର ଏବଂ ଖୁବ୍ ସମ୍ଭବ ସେ ତାଙ୍କ ଖେଳକୁ ଜାରି ରଖିଥାଆନ୍ତେ, ଯଦି ରାଜଯକ୍ଷ୍ମା ତାଙ୍କୁ ତହିଁରୁ ବିଦା କରି ଦେଇ ନ ଥାଆନ୍ତା। ଫୁଟବଲ ପ୍ରତି ତାଙ୍କ ଅନୁରକ୍ତି ଜଣାପଡ଼େ, ବନ୍ଧୁ ଚାର୍ଲସ ପନସେଟଙ୍କ ସହିତ ତାଙ୍କ କଥୋପକଥନରୁ, ଯହିଁରେ କାମ୍ୟୁ ପ୍ରାଣ ଭରି ଭଲ ପାଉଥିବା ଦୁଇଟି ବିଷୟ, ଫୁଟବଲ ଓ ମଚଂ-ନାଟକ ମଧ୍ୟରୁ କେଉଁ ଗୋଟିଏକୁ ବାଛିବେ ବୋଲି ପନସେଟଙ୍କ ପ୍ରଶ୍ନରେ କାମ୍ୟୁଙ୍କ ତତ୍କାଳ ଓ ନିର୍ଦ୍ୱନ୍ଦ୍ୱ ଉନ୍ତରଟି ଥିଲା 'ଫୁଟବଲ'। ଗଲା ଗୁରୁବାର ଦିନ, ମେକ୍ସିକୋ ସିଟିରେ 'ଫିଫା-୨୦୨୬' ଆନୁକୂଲ୍ୟରେ ଫୁଟବଲ ବିଶ୍ୱକପ୍‌ର ମହୋତ୍ସବ ଆରମ୍ଭ ହୋଇ ଯେତେବେଳେ ସମଗ୍ର ପୃଥିବୀକୁ ଏକ ଐନ୍ଦ୍ରଜାଲିକ ଆକର୍ଷଣରେ ବାନ୍ଧି ପକାଇଛି, ସେତେବେଳେ ଅନୁଭବ କରିହୁଏ କାମ୍ୟୁଙ୍କ ଭଳି ଜଣେ ଭାବଗମ୍ଭୀର ଲେଖକ ନିଜ ପ୍ରଥମ ପସନ୍ଦ ଭାବେ ଏକ ସର୍ଜନଶୀଳ କଳା ବିଭାବ ପରିବର୍ନ୍ତେ କାହିଁକି ଏକ ମଉଜିଆ କ୍ରୀଡ଼ାକୁ ବାଛିଲେ ! କାରଣ, ସ୍ୱେଦ, ଅଶ୍ରୁ, ଉଚ୍ଛ୍ୱାସ, ଆକ୍ରୋଶ, ସମର୍ପଣ, ସାମର୍ଥ୍ୟ ପ୍ରଦର୍ଶନ ଇତ୍ୟାଦିକୁ ଘେନି ନବେ ମିନିଟର ଯେଉଁ ଚିନ୍ତାକର୍ଷକ ଦୃଶ୍ୟ ଫୁଟବଲ ପ୍ରାଙ୍ଗଣରେ ଅଭିନୀତ ହୁଏ ଏବଂ ଦର୍ଶକ ଭରପୂର ଷ୍ଟାଡିଅମମାନ ଆବେଗର ଆଗ୍ନେୟଗିରିରେ ପରିଣତ ହୁଅନ୍ତି, ତହିଁରେ ତାହା କେବଳ ଏକ କ୍ରୀଡ଼ା ମାତ୍ର ହୋଇ ରହେ ନାହିଁ! ୧୯୯୪ ମସିହାର 'ଫିଫା ବିଶ୍ୱକପ୍' ପ୍ରତିଯୋଗିତାରେ କଲମ୍ବୀୟ ଡିଫେଣ୍ଡର ଆଣ୍ଡ୍ରେସେ ଏସକୋବାରଙ୍କ ଗୋଡ଼ରେ ବଲ୍ ବାଜି ଦୈବାତ୍ ଆତ୍ମଘାତୀ ଗୋଲଟିଏ ହୋଇଯାଏ, ଯଦ୍ୱାରା କଲମ୍ବିଆକୁ ପ୍ରାଥମିକ ଲିଗ ସ୍ତରରୁ ବିଦାୟ ନେବାକୁ ପଡ଼େ। ଅନେକ କଲମ୍ବୀୟଙ୍କ ସକାଶେ ତାହା ହୋଇଯାଏ ଅକ୍ଷମଣୀୟ। ଏହାର ଦଶ ଦିନ ପରେ ଏକ ନାଇଟ କ୍ଲବରେ ଏସକୋବାରଙ୍କ କପାଳରେ ଗୁଳି ବିଦ୍ଧ କରି ହତ୍ୟା କରେ ହମ୍ବର୍ଟୋ କାଷ୍ଟ୍ରୋ ଏବଂ ତାଚ୍ଛଲ୍ୟରେ କୁଆଡ଼େ କହେ 'ଗୋଲ'। ଫୁଟବଲର ସମ୍ମୋହନ କିଭଳି ଅନ୍ଧ କରିଦେଇଥାଏ ତାହାର କେତେକ ଦୃଷ୍ଟାନ୍ତ ବର୍ଣ୍ଣିତ ହୋଇଛି ଉରୁଗୁଏର ସାମ୍ବାଦିକ ଓ ଲେଖକ ଏଡୁଆର୍ଡୋ ଗୁଲିଆନୋଙ୍କ ଚମତ୍କାର ପୁସ୍ତକ 'ସକର ଇନ ସନ ଏଣ୍ଡ ସାଡୋ', ଅର୍ଥାତ୍ 'ଖରା ଓ ଛାଇରେ ଫୁଟବଲ।' ୧୯୭୦, ଫିଫା ବିଶ୍ୱକପ୍ ? ସକାଶେ, ୧୯୬୯ ମସିହାରେ ଅନୁଷ୍ଠିତ ଯୋଗ୍ୟତା ପର୍ଯ୍ୟାୟର ତିନିଟି ମ୍ୟାଚରେ ଏଲ ସାଲଭାଡର ୨-୧ ବ୍ୟବଧାନରେ ହଣ୍ଡୁରାସକୁ ପରାଜିତ କରିବା ପରେ ଆରମ୍ଭ ହୋଇଯାଏ ଦୁଇ ଦେଶ ମଧ୍ୟରେ ଏକ ଚାରିଦିନିଆ ଯୁଦ୍ଧ, ଯାହା ଶହେଘଚିଂଆ ଯୁଦ୍ଧ ଭାବେ ଖ୍ୟାତ। ଅନ୍ୟ ରାଷ୍ଟ୍ରଗୁଡ଼ିକର ହସ୍ତକ୍ଷେପ ପରେ ଯୁଦ୍ଧରେ ବିରତି ଲାଗିଲା ବେଳକୁ ଚାଲି ଯାଇଥାଏ ୩୦୦୦ ସରିକି ଜୀବନ। ୧୯୮୦ ମସିହାରେ ଏମ-୧୯ ନାମକ କଲମ୍ବିଆର ଚରମ ବାମପନ୍ଥୀ, ଅତ୍ୟନ୍ତ ହିଂସ୍ର ସଶସ୍ତ୍ର ଗରିଲା ବାହିନୀର ସଦସ୍ୟମାନେ ଡୋମିନିକାନ ରିପବ୍ଲିକର ରାଷ୍ଟ୍ରାବାସକୁ ଧସେଇ ପଶନ୍ତି ଏବଂ ୬୦ ଜଣ ବ୍ୟକ୍ତିଙ୍କୁ ପଣବନ୍ଦୀ କରି ନିଅନ୍ତି, ଯେଉଁମାନଙ୍କ ମଧ୍ୟରେ ଥାଆନ୍ତି ୧୫ଟି ଦେଶର ରାଷ୍ଟ୍ରଦୂତ। ପ୍ରାୟ ୬୪ ଦିନ ଧରି ଚାଲିଥିବା ଏହି ଅପହରଣ ନାଟକରେ ଗୋଟିଏ ପଟେ ଦାବିମାନ ରଖାଯାଇ ସେ ସବୁ ପୂରଣ ନ ହେଲେ ମାରାତ୍ମକ ପରିଣତିର ଧମକ ଦିଆଯାଉଥାଏ ତ ଅପର ପଟେ ସମୟ କାଟିବା ଲାଗି ଅପହର୍ନ୍ତାମାନେ ପଣବନ୍ଦୀମାନଙ୍କ ସହିତ ଫୁଟବଲ ଖେଳିବାରେ ମଜ୍ଜି ରହନ୍ତି। ଏହି ଖେଳରୁ ସମ୍ଭବତଃ ସମୟ କ୍ରମେ ଅପହର୍ତା ଓ ପଣବନ୍ଦୀଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ ଓ ମୈତ୍ରୀ ଜନ୍ମ ନେଇଥିବ; କାରଣ ୬୪ ଦିନ ପରେ ସମସ୍ତ ପଣବନ୍ଦୀ ମୁକ୍ତ ହୁଅନ୍ତି ଓ ଅପହର୍ତାମାନଙ୍କୁ କ୍ୟୁବା ଚାଲିଯାଇ ଆଶ୍ରୟ ନେବା ଲାଗି ସୁଯୋଗ ଦିଆଯାଏ। ପ୍ରତିଶୋଧ, ଯୁଦ୍ଧ ଓ ସଂପ୍ରୀତିର ଉପରୋକ୍ତ ତିନି ଦୃଷ୍ଟାନ୍ତ ହେଉଛି ଫୁଟବଲ ନିମଗ୍ନତାର ତିନିଟି ରୂପ। ଏହି ବିଶ୍ୱକପ୍‌ରେ ୪୮ଟି ରାଷ୍ଟ୍ର ଅଂଶ ଗ୍ରହଣ କରିଛନ୍ତି, ଯହିଁରେ ୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶ ଭାରତର ସ୍ଥାନ ନାହିଁ; ଫିଫା ର ?ାଙ୍କିଙ୍ଗ ଅନୁସାରେ ଫୁଟବଲ ଦକ୍ଷତା ତାଲିକାରେ ଭାରତର ସ୍ଥାନ ୧୩୮। ୧୯୫୦ ମସିହା, ଫିଫା ବିଶ୍ୱକପ୍‌ରେ ଭାଗ ନେବା ଲାଗି ବ୍ରିଟିସ ଶାସିତ ଭାରତ ସୁଯୋଗଟିଏ ପାଇଥିଲା, କାରଣ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଚଂରେ ସେହି ଗ୍ରୁପର କୌଣସି ଦଳ ଉପସ୍ଥିତ ହୋଇ ନ ଥିଲେ। କିନ୍ତୁ, ଖାଲି ପାଦରେ ଖେଳିବା ଲାଗି ଭାରତର ଆଗ୍ରହକୁ ଫିଫା ପକ୍ଷରୁ ଗ୍ରହଣ କରା ନ ଯିବା ଏବଂ ବ୍ରାଜିଲକୁ ଦଳକୁ ପଠାଇ ଅର୍ଥ ବ୍ୟୟ କରିବାକୁ ବ୍ରିଟିସ ସରକାରଙ୍କ ଅନିଚ୍ଛା ହେତୁ ତାହା ସମ୍ଭବ ହୋଇ ନ ଥିଲା। ତେବେ, ଏହା ମଧ୍ୟ ସତ ଯେ ଭାରତରେ କ୍ରିକେଟର ସର୍ବ ବିଦ୍ୟମାନତା ସତ୍ତ୍ୱେ ଫୁଟବଲର ଅସଂଖ୍ୟ ପ୍ରଶଂସକ ଅଛନ୍ତି। ଏବେ ବି ପଶ୍ଚିମବଙ୍ଗ, କେରଳ, ଗୋଆ ଓ କେତେକ ଉତର ପୂର୍ବୀୟ ରାଜ୍ୟରେ ଫୁଟବଲ ପ୍ରତି ଆକର୍ଷଣ ଦୁର୍ବାର। ଅନେକ ଭାରତୀୟ ଚାହାନ୍ତି ଯେ ପୃଥିବୀର ଏହି ସର୍ବାଧିକ ଜନବହୁଳ ଦେଶରୁ ସର୍ବାଧିକ ଲୋକପ୍ରିୟ କ୍ରୀଡ଼ାରେ କିଛି ଅନ୍ତର୍ଜାତୀୟ ସ୍ତରୀୟ ତରକା ଦୃଶ୍ୟମାନ ହୁଅନ୍ତୁ। ହୁଏତ ଏହାକୁ ସମ୍ଭବ କରନ୍ତା ପୃଷ୍ଠପୋଷକତା, ପ୍ରତିଭା ଠାବ ଏବଂ ଉନ୍ନତ ମାନର ପ୍ରଶିକ୍ଷଣ ତଥା ଭାରତୀୟ ଫୁଟବଲ ଫେଡେରେସନର ନିଷ୍ଠା। କିନ୍ତୁ ସେ ସବୁ ଅନୁପସ୍ଥିତ। ତେବେ, ସେ ଯାହା ହେଉ, ଚଳିତ ବିଶ୍ୱକପ୍‌ରେ ଭାରତ ଲାଗି ଯାହା ସାମାନ୍ୟ ସାନ୍ତ୍ୱନା ପ୍ରଦାୟୀ, ତାହା ହେଲା ଅନ୍ତତଃ ଚାରି ଜଣ ଭାରତୀୟ ବଂଶୋଦ୍ଭବ ଖେଳାଳି ଏଥିରେ ଭାଗ ଦେଇଛନ୍ତି; ଯେମିତି ନ୍ୟୁଜିଲାଣ୍ଡରୁ ସରପ୍ରିତ ସିଂହ, ଅଷ୍ଟ୍ରେଲିଆରୁ ନିଶାନ ଭେଲୁପିଲ୍ଲେ, ଡେମୋକ୍ରାଟିକ ରିପବ୍ଲିକ ଅଫ କଙ୍ଗୋରୁ ସାମୁଏଲ ମୁଟୁସାମି ଓ କାତାରରୁ ତସିମ ମହମଦ ଜାମସିଦ। ସୁତରାଂ, ଭାରତର କିଛି ପଦଚିହ୍ନ ସୃଷ୍ଟି ହେବ! ଅନେକ କହନ୍ତି ଯେ ଫୁଟବଲ ଖେଳରୁ ଅଙ୍କୁରିତ ହୋଇଥିଲା କାମ୍ୟୁଙ୍କ ଦାର୍ଶନିକ ଚେତନା। ଗୋଲ ରକ୍ଷକ ଭାବେ ଫୁଟବଲ ଖେଳୁଥିବା ବେଳେ ତରୁଣ ଆଲବର୍ଟ କାମ୍ୟୁ ବୋଧହୁଏ ପାଇଥିଲେ ତାଙ୍କ ଅନବଦ୍ୟ ପ୍ରଥମ ଉପନ୍ୟାସ 'ଦ ଆଉଟ୍‌ସାଇଡର' ବା 'ବାହାର ଲୋକ'ର ମଞ୍ଜି ଧାରଣା ! କାରଣ ଗୋଲ ରକ୍ଷକର ଭୂମିକା ନେଇ ସେ ଠାଏ କହିଥିଲେ ଯେ ଗୋଲକିପର ଭାବେ ଖେଳିଲେ ଜଣେ ଦଳ ଭିତରେ ଥାଏ, ଅଥଚ ଦର୍ଶକ ଭଳି ଦୂରରୁ ଖେଳକୁ ଦେଖୁଥାଏ; ଅର୍ଥାତ୍ ଏଗାର ଜଣିଆ ଦଳର ଅଂଶ ଅଥଚ ପଡ଼ିଆରେ ଏକୁଟିଆ ! ପରିଚିତଙ୍କ ମଧ୍ୟରେ ରହି ନିଃସଙ୍ଗ ବୋଧ କରୁଥିବା 'ଆଉଟ୍‌ସାଇଡର' ! ଯେ ତ ଗଲା ତୀକ୍ଷ୍ଣ ଚେତନା ସଂପନ୍ନ କାମ୍ୟୁଙ୍କ କଥା। କିନ୍ତୁ, ପ୍ରକୃତରେ ଫୁଟବଲ କାହାକୁ ହେଲେ 'ଆଉଟ୍‌ସାଇଡର' କରି ନ ଥାଏ। ଦରିଆ ଏ ପଟେ ରହି ଟେଲିଭିଜନ ପରଦାରେ ଖେଳ ଦେଖୁଥିଲେ ହେଁ ପ୍ରଶଂସକମାନେ ତହିଁରେ ଦ୍ରବୀଭୂତ ହୋଇଯାଆନ୍ତି; ଏପରିକି ଭାରତର କୌଣସି ସଂପର୍କ ନ ଥିଲେ ସୁଦ୍ଧା ଆର୍ଜେଚିଂନା ପରାସ୍ତ ହୋଇଗଲେ କୋଲକତା ମହାନଗର ଶୋକ ସାଗରରେ ବୁଡି ଯାଏ। ତାହା ହିଁ ଫୁଟବଲର ଇନ୍ଦ୍ରଜାଲ !

ପାଣିର ଗତି

ଡଲାର ଯୋଗରେ ବୃଦ୍ଧି ଘଟିଲେ ଡଲାରର ବିନିମୟ ମୂଲ୍ୟରେ ହ୍ରାସ ଓ ଟଙ୍କାର ବିନିମୟ ମୂଲ୍ୟରେ ବୃଦ୍ଧି ଘଟିବ। ଏହା ଯେ ଏକ ଅବାସ୍ତବ ପରିକଳ୍ପନା ନୁହେଁ, ତାହାର ପ୍ରମାଣ ସ୍ୱରୂପ ରିଜର୍ଭ ବ୍ୟାଙ୍କ୍‌ର ଘୋଷଣା ପରେ ପରେ ଶୁକ୍ରବାର ଦିନ ଟଙ୍କାର ସ୍ଖଳନରେ ବିରତି ଦେଖାଦେଇ ତାହାର ବିନିମୟ ମୂଲ୍ୟରେ କିଚିଂତ୍ ବୃଦ୍ଧି ଘଟିବା ଦେଖାଯାଇଥିଲା। ରିଜର୍ଭ ବ୍ୟାଙ୍କ୍‌ର 'ମନିଟାରି ପଲିସି କମିଟି' ('ଏମ୍‌ପିସି') ତା'ର ସଦ୍ୟସମାପ୍ତ ଦ୍ୱିମାସିକ ବୈ ?ଠକରେ ନିର୍ଣ୍ଣାୟକ ସୁଧ ହାର 'ରେପୋ ରେଟ୍'କୁ ୫.୨୫ ଶତାଂଶ ସ୍ତରରେ ଅପରିବର୍ନ୍ତିତ ରଖିବା ସହିତ ତା'ର 'ଷ୍ଟାନ୍‌ସ' ବା ଆଭିମୁଖ୍ୟକୁ ମଧ୍ୟ ସ୍ଥିତାବସ୍ଥା ବଜାୟ ରଖି ନିରପେକ୍ଷ ରଖିବାକୁ ନିଷ୍ପତି ନେଇଛି। ରିଜର୍ଭ ବ୍ୟାଙ୍କ୍‌ର ଏଭଳି ପରିବର୍ତନ-କୁଣ୍ଠା କାହାରିକୁ ଆଶ୍ଚର୍ଯ୍ୟ କରି ନାହିଁ। ଏହା ସତ ଯେ ଗତ ଏପ୍ରିଲରେ ଅନୁଷ୍ଠିତ ରିଜର୍ଭ ବ୍ୟାଙ୍କ୍‌ର 'ଏମ୍‌ପିସି'ର ଶେଷ ବୈଠକ ପରଠାରୁ ଇତିମଧ୍ୟରେ ବିଭିନ୍ନ କାରଣରୁ ଦେଶର ଅର୍ଥନୈତିକ ପରିସ୍ଥିତିରେ ଉଲ୍ଲେଖଯୋଗ୍ୟ ପରିବର୍ନ୍ତନମାନ ଘଟିବାରେ ଲାଗିଛି, ଯାହା ସହିତ ଖାପ ଖାଇବା ପାଇଁ 'ଏମ୍‌ପିସି' ତା'ର ମୁଦ୍ରା ନୀତିରେ ପରିବର୍ତନ ଘଟାଇବା ଆଦୌ ଅସ୍ୱାଭାବିକ ବିବେଚିତ ହୁଅନ୍ତା ନାହିଁ। କିନ୍ତୁ 'ଏମ୍‌ପିସି' ତାହା ନ କରି ତରବର ନ ହୋଇ ଏହି ଦ୍ରୁତ ପରିବର୍ନ୍ତନଶୀଳ ଚିତ୍ର ଉପରେ ଦୃଷ୍ଟି ନିବଦ୍ଧ କରି କେଉଁ ପାଣି କେଉଁଆଡ଼େ ଯାଉଛି, ସେ ସମ୍ବନ୍ଧରେ ଏକ ନିଶ୍ଚିତ ସୂଚନା ଉପଲବ୍ଧ ହେବା ପର୍ଯ୍ୟନ୍ତ ସ୍ଥିତାବସ୍ଥା ବଜାୟ ରଖିବା ବୁଦ୍ଧିମାନର କାର୍ଯ୍ୟ ହେବ ବୋଲି ବିଚାର କରିଛି। ଏହା ତେଣୁ ମଧ୍ୟ ଆଦୌ ଅସ୍ୱାଭାବିକ ନୁହେଁ। ରିଜର୍ଭ ବ୍ୟାଙ୍କ୍ ପାଇଁ ଯାହା ବିଶେଷ ଭାବରେ ଚିନ୍ତାର କାରଣ ହୋଇଛି, ତାହା ହେଲା ଏଇ ସମୟ ମଧ୍ୟରେ ଘଟିଥିବା ଘଟଣାମାନଙ୍କ ପ୍ରଭାବରେ ଦେଶରେ ଦରଦାମ ବୃଦ୍ଧି ଅର୍ଥାତ୍ ମୁଦ୍ରାସ୍ଫୀତି ପୁଣି ଅଣାୟତ ହେବାର ସମ୍ଭାବନା। ଏହାର ପ୍ରମାଣ ସ୍ୱରୂପ ରିଜର୍ଭ ବ୍ୟାଙ୍କ୍ ୨୦୨୬-୨୭ ବିତ ବର୍ଷ ପାଇଁ ଦେଶରେ ଖାଉଟି ମୁଦ୍ରାସ୍ଫୀତି ସମ୍ବନ୍ଧରେ ତା'ର ପୂର୍ବର ଅନୁମାନରେ ଏକ ତୀକ୍ଷ୍ଣ ବୃଦ୍ଧି ଘଟାଇ ତାହା ୫.୧ ଶତାଂଶ ହେବ ବୋଲି ଏବେ ସତର୍କ ସୂଚନା ପ୍ରଦାନ କରିଛି। ପ୍ରକୃତ ମୁଦ୍ରାସ୍ଫୀତି ଯେ ଏଇ ସ୍ତରକୁ ମଧ୍ୟ ଅତିକ୍ରମ କରିଯାଇପାରେ, ତାହାର ମଧ୍ୟ ଯେ ଦୃଢ଼ ସମ୍ଭାବନା ରହିଛି, ରିଜର୍ଭ ବ୍ୟାଙ୍କ୍ ସେ ବିଷୟରେ ମଧ୍ୟ ସଚେତନ ଅଛି। ଯଦି ତାହା ଘଟେ, ତେବେ ରିଜର୍ଭ ବ୍ୟାଙ୍କ୍ ତା'ର ବର୍ନ୍ତମାନର କୁଣ୍ଠା ପରିହାର କରି ଆଗାମୀ 'ଏମ୍‌ପିସି' ବୈଠକରେ ସୁଧ ହାରରେ ବୃଦ୍ଧି ଘଟାଇବାକୁ ଆଗେଇ ଆସିପାରେ। ୨୦୨୬-୨୭ ବିନ୍ତ ବର୍ଷର ଡିସେମ୍ବର ଚଉଠରେ ମୁଦ୍ରାସ୍ଫୀତି ହାର ଯଦି ରିଜର୍ଭ ବ୍ୟାଙ୍କ୍ ଅନୁମାନ କରୁଥିବା ଭଳି ୫.୯ ଶତାଂଶ ଛୁଏଁ, ତେବେ ତାହା ନିର୍ଦ୍ଧାରିତ ସହନ ବଳୟର ଉପର ୬ ଶତାଂଶ ସୀମା ସହିତ ଧକ୍କା ଖାଇବାକୁ ଉଦ୍ୟତ ହେବ। ତା'ଛଡ଼ା ରିଜର୍ଭ ବ୍ୟାଙ୍କ୍ ଗଭର୍ନର ସଞ୍ଜୟ ମଲହୋତ୍ରା ମଧ୍ୟ ସ୍ପଷ୍ଟ କରିଦେଇଛନ୍ତି ଯେ ଦେଶରେ ମୁଦ୍ରା ସ୍ତରକୁ ୪ ଶତାଂଶ ସ୍ତରରେ ରଖିବା ପାଇଁ ବ୍ୟାଙ୍କ୍ ତା'ର ଲକ୍ଷ୍ୟରେ ଅଟଳ ରହିଛି। ଏହା ଜଣାଶୁଣା ଯେ ମୁଦ୍ରାସ୍ଫୀତି ଚାପରେ ପାରିଶ୍ରମିକ ହାରରେ ବୃଦ୍ଧି ଘଟିବା ଦ୍ୱାରା ପରବର୍ତୀ ଅର୍ଥାତ୍ ଦ୍ୱିତୀୟ ପର୍ଯ୍ୟାୟରେ ଦରଦାମରେ ଆହୁରି ଅଧିକ ବୃଦ୍ଧି ଘଟିବା ଦେଖାଯାଇଥାଏ। ପେଟ୍ରୋଲ, ଡିଜେଲ ଆଦିର ଦର ବୃଦ୍ଧି ଘଟୁଥିବାରୁ ଉତ୍ପାଦନକାରୀ ଓ ସେବା ପ୍ରଦାନକାରୀମାନେ ଦର ବୃଦ୍ଧି ମାଧ୍ୟମରେ ଏଇ ଅତିରିକ୍ତ ବୋଝକୁ ଖାଉଟିମାନଙ୍କ ଉପରକୁ ଠେଲି ଦେବା ପାଇଁ ନିଶ୍ଚିତ ରୂପେ ଉଦ୍ୟମ କରିବେ। ଏଇ ସମସ୍ତ ବାସ୍ତବ ସମ୍ଭାବନା ସବୁକୁ ବିଚାରକୁ ନେଇ ୨୦୨୬-୨୭ ବିନ୍ତ ବର୍ଷ ପାଇଁ ମଞ୍ଜ ମୁଦ୍ରାସ୍ଫୀତି (ଖାଦ୍ୟଦ୍ରବ୍ୟ ଓ ଇନ୍ଧନ ଆଦିକୁ ବାଦ୍ ଦିଆଯାଇ ଘଟୁଥିବା ମୁଦ୍ରାସ୍ଫୀତି) ସଂପର୍କରେ ଏଥିପୂର୍ବରୁ କରାଯାଇଥିବା ପୂର୍ବାନୁମାନରେ ମଧ୍ୟ ପରିବର୍ତନ କରାଯାଇ ତାହା ୪.୪ ଶତାଂଶ ସ୍ଥାନରେ ୪.୭ ଶତାଂଶ ହେବ ବୋଲି ପ୍ରାକ୍-ସୂଚନା ପ୍ରକାଶ ପାଇଛି। ଏଥିରୁ ଯେଉଁ ଏକ ସନ୍ଦେଶ ମିଳିଥାଏ, ତାହା ହେଲା ନିକଟ ଭବିଷ୍ୟତରେ ଭାରତର ଦ୍ରୁତ ଅଭିବୃଦ୍ଧି ପଥରେ ଯାତ୍ରା ସହଜ ହେବାକୁ ଯାଉନାହିଁ। ବର୍ନ୍ତମାନ ଆଶଙ୍କା କରାଯାଉଥିବା ଏକ ଦୁର୍ବଳ-ମୌସୁମୀ ମଧ୍ୟ ଏଇ ଯାତ୍ରା ପଥରେ ଏକ ଅତିରିକ୍ତ ପ୍ରତିବନ୍ଧକ ରୂପେ କାର୍ଯ୍ୟ କରିପାରେ। ଏଥିଯୋଗୁଁ କୃଷି ଅମଳ ବାଧାପ୍ରାପ୍ତ ହେଲେ ତାହା ଗ୍ରାମ୍ୟ ଚାହିଦାରେ ସଂକୋଚନ ଘଟାଇବ। ମୁଦ୍ରାସ୍ଫୀତିରେ ବୃଦ୍ଧି ଘଟିଲେ ତାହା ସହର ବାସିନ୍ଦାମାନଙ୍କର କ୍ରୟ ଶକ୍ତିରେ ହ୍ରାସ ଘଟାଇବ। ସାଧାରଣତଃ ଏଭଳି ଏକ ପରିସ୍ଥିତିର ସମ୍ମୁଖୀନ ହେଲେ ରିଜର୍ଭ ବ୍ୟାଙ୍କ୍ ଅଭିବୃଦ୍ଧିରେ ସହାୟକ ହେବା ଲାଗି ପଦକ୍ଷେପମାନ ନେଇଥାଏ, ଯେମିତି ସୁଧ ହାରରେ ହ୍ରାସ। କିନ୍ତୁ ବର୍ତମାନ ମୁଦ୍ରାସ୍ଫୀତି ମୁଣ୍ଡ ଟେକିବାର ସମ୍ଭାବନା ଦେଖା ଯାଉଥିବାରୁ ଏବଂ ରିଜର୍ଭ ବ୍ୟାଙ୍କ୍ ମୁଦ୍ରାସ୍ଫୀତି ନିୟନ୍ତ୍ରଣକୁ ସର୍ବାଧିକ ପ୍ରାଧାନ୍ୟ ପ୍ରଦାନ କରୁଥିବାରୁ, 'ଏମ୍‌ପିସି' ତା'ର ପରବର୍ତୀ କୌଣସି ଏକ ବୈଠକରେ ସୁଧ ହାରରେ ବୃଦ୍ଧି ଘଟାଇବାର ଯଥେଷ୍ଟ ସମ୍ଭାବନା ଦେଖାଯାଉଛି। ତେବେ ତାହା ଅଗଷ୍ଟ ବୈଠକରେ ଘଟିବ କିମ୍ବା ଅକ୍ଟୋବର ବୈଠକରେ ଘଟିବ, ତାହା ମଧ୍ୟପ୍ରାଚ୍ୟ ଅସ୍ଥିରତାର ଗତିବିଧି ଓ ତୈଳ ଦରର ଆଚରଣ ଉପରେ ନିର୍ଭର କରିଥାଏ। ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି ଯେ ଯଦି ଆନ୍ତର୍ଜାତିକ ତୈଳ ଦର ଉଚ୍ଚା ରହେ ଏବଂ ଦେଶରେ ଇନ୍ଧନ ଦରରେ ବୃଦ୍ଧି ଘଟିଚାଲେ, ତେବେ ରିଜର୍ଭ ବ୍ୟାଙ୍କ୍ ଯେଉଁ ସଂକୋଚନମୂଳକ ପଦକ୍ଷେପମାନ ନେବ, ତାହାର ଅଂଶସ୍ୱରୂପ ଏକାଧିକ ପର୍ଯ୍ୟାୟରେ 'ରେପୋ ରେଟ୍'ରେ ୫୦ରୁ ୧୦୦ ବେସିସ୍ ପଏଚଂ ପର୍ଯ୍ୟନ୍ତ ବୃଦ୍ଧି ଘଟିପାରେ। ଭାରତୀୟ ଅର୍ଥନୀତିରେ ସକ୍ରିୟ ଥିବା ଶକ୍ତିମାନେ ଏଭଳି ସମ୍ଭାବନା ପାଇଁ ନିଜକୁ ପ୍ରସ୍ତୁତ କରିବା ଆବଶ୍ୟକ। ସେମାନେ ମଧ୍ୟ ନିକଟ ଅତୀତରେ ଭାରତୀୟ ମୁଦ୍ରା ଟଙ୍କାର ଆଚରଣ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି, ଯାହାର ବିନିମୟ ମୂଲ୍ୟରେ ଜାନୁଆରିରୁ ଜୁନ୍ ଆରମ୍ଭ ମଧ୍ୟରେ ପ୍ରାୟ ୬ ଶତାଂଶ ହ୍ରାସ ଘଟି ସାରିଲାଣି। ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ରିଜର୍ଭ ବ୍ୟାଙ୍କ୍ ଏ ପର୍ଯ୍ୟନ୍ତ ସୁଧ ହାର ବୃଦ୍ଧି ମାଧ୍ୟମରେ ସେଇ ସ୍ଖଳନକୁ ପ୍ରତିହତ କରିବାକୁ ଚେଷ୍ଟା କରିନାହିଁ। ଅପର ପକ୍ଷେ ଏଇ କେନ୍ଦ୍ରୀୟ ବ୍ୟାଙ୍କ୍ ସରକାରଙ୍କ ସହିତ ମିଳିତ ହୋଇ ଦେଶକୁ ବୈ ?ଦେଶିକ ପୁଞ୍ଜି ନିବେଶ ଆକର୍ଷିତ କରିବା ମାଧ୍ୟମରେ ଟଙ୍କାର ସ୍ଖଳନକୁ ଅଟକାଇ ତାହାର ବିନିମୟ ମୂଲ୍ୟରେ ସୁଧାର ଆଣିବା ପାଇଁ ଚେଷ୍ଟା କରିବାକୁ ପସନ୍ଦ କରିଛି। ଏଥିରେ ବାହ୍ୟ ବାଣିଜ୍ୟିକ ଋଣ ପାଇଁ 'ସ୍ୱାପ୍' ରିହାତିରୁ ଟିକସ ଛାଡ଼ ପର୍ଯ୍ୟନ୍ତ ପଦକ୍ଷେପମାନ ଅନ୍ତର୍ଭୁକ୍ତ। ଏହାର ଫଳସ୍ୱରୂପ ଆସନ୍ତା କେତେ ମାସ ମଧ୍ୟରେ ଦେଶରେ ପ୍ରାୟ ୫୦ ବିଲିଅନ ଡଲାର ପର୍ଯ୍ୟନ୍ତ ପ୍ରବେଶ କରିବ ବୋଲି ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି। ଡଲାର ଯୋଗରେ ବୃଦ୍ଧି ଘଟିଲେ ଡଲାରର ବିନିମୟ ମୂଲ୍ୟରେ ହ୍ରାସ ଓ ଟଙ୍କାର ବିନିମୟ ମୂଲ୍ୟରେ ବୃଦ୍ଧି ଘଟିବ। ଏହା ଯେ ଏକ ଅବାସ୍ତବ ପରିକଳ୍ପନା ନୁହେଁ, ତାହାର ପ୍ରମାଣ ସ୍ୱରୂପ ରିଜର୍ଭ ବ୍ୟାଙ୍କ୍‌ର ଘୋଷଣା ପରେ ପରେ ଶୁକ୍ରବାର ଦିନ ଟଙ୍କାର ସ୍ଖଳନରେ ବିରତି ଦେଖାଦେଇ ତାହାର ବିନିମୟ ମୂଲ୍ୟରେ କିଚିଂତ୍ ବୃଦ୍ଧି ଘଟିବା ଦେଖାଯାଇଥିଲା। ଏଇ ସ୍ତମ୍ଭରେ ଗତକାଲି ଉଲ୍ଲେଖ କରାଯାଇଥିବା ଭଳି ରିଜର୍ଭ ବ୍ୟାଙ୍କ୍‌ର ଘୋଷଣା ପ୍ରକାଶ ପାଇବା ସମୟରେ ସଂଯୋଗବଶତଃ ଭାରତୀୟ ଅର୍ଥନୀତି ୨୦୨୫-୨୬ ବିନ୍ତ ବର୍ଷରେ ଏକ ଅପେକ୍ଷାକୃତ ଉଚ୍ଚ ଅଭିବୃଦ୍ଧି ହାର ହାସଲ କରିଥିବା ପ୍ରକାଶ ପାଇଛି। ତାହା କେତେ ?ଂଶରେ ଆଗାମୀ ଆହ୍ୱାନ ସବୁର ମୁକାବିଲା କରିବାରେ ସହାୟକ ହୋଇପାରେ, କିନ୍ତୁ ଦୁଇ ବର୍ଷର ଅର୍ଥନୈତିକ ସ୍ଥିରତା ପରେ ଆମକୁ ଯେ ଏବେ ଏକ ବିକ୍ଷୁବ୍‌ଧ ଭବିଷ୍ୟତର ସାମନା କରିବାକୁ ହେବ, ତାହା ସ୍ୱୀକାର କରି ଆମକୁ ସେଥିପାଇଁ ପ୍ରସ୍ତୁତ ରହିବାକୁ ହେବ।

ମଧୁରେଣ ସମାପୟେତ୍

ସଂକଟର ମୁକାବିଲା କରିବା ନିମିନ୍ତ ଦେଶବାସୀ ମିତବ୍ୟୟିତା ଅବଲମ୍ବନ କରିବାକୁ ଯେଉଁ ଆହ୍ୱାନ ଦିଆଯାଇଛି, ତାହାର ପ୍ରଭାବରେ ମୋଟ ଘରୋଇ ଚାହିଦାରେ ଯଦି ଆଗାମୀ ଦିନମାନଙ୍କରେ ସଂକୋଚନ ଘଟିବାକୁ ଆରମ୍ଭ କରେ, ତେବେ ତାହାର ଫଳସ୍ୱରୂପ ଆଗାମୀ ଚଉଠମାନଙ୍କରେ 'ଜିଡିପି'ର ବାସ୍ତବ ଅଭିବୃଦ୍ଧି ହାରରେ ସ୍ଖଳନ ଘଟିବାକୁ ଆରମ୍ଭ କରିପାରେ। ତେଣୁ ୨୦୨୫-୨୬ ବିନ୍ତ ବର୍ଷର ଚତୁର୍ଥ ଚଉଠରେ ପରିଦୃଷ୍ଟ ଉଚ୍ଚ ଅଭିବୃଦ୍ଧି ହାରକୁ ଆମେ ଆଗାମୀ ଚଉଠମାନଙ୍କର ପ୍ରତିନିଧି ରୂ ?ପ ଗ୍ରହଣ କରିବା ନିରାପଦ ନ ହୋଇପାରେ।୨୦୨୬ ଫେବ୍ରୁଆରି ମାସର ଶେଷ ଦିନ ଅର୍ଥାତ୍ ୨୮ ତାରିଖରେ ଆମେରିକା ରାଷ୍ଟ୍ରପତି ଇରାନ ଉପରେ ଆକ୍ରମଣ କରି ଚଳିତ ପଶ୍ଚିମ ଏସିଆ ଯୁଦ୍ଧ ଆରମ୍ଭ କଲେ। ଏହି ଅଚଂଳ ପୃଥିବୀରେ ବ୍ୟବହୃତ ଜୀବାଶ୍ମ ଇନ୍ଧନ ପେଟ୍ରୋଲିଅମ ଓ ପ୍ରାକୃତିକ ବାଷ୍ପର ମୁଖ୍ୟ ଉତ୍ସ ହୋଇଥିବାରୁ ଏହି ଅତ୍ୟାବଶ୍ୟକ ଶକ୍ତି ଯୋଗାଣ ଗୁରୁତର ଭାବରେ ବ୍ୟାହତ ହୋଇ ପୃଥିବୀର ପ୍ରାୟ ପ୍ରତ୍ୟେକ ଦେଶର ଅର୍ଥନୀତି ପାଇଁ ଘୋର ସମସ୍ୟା ସୃଷ୍ଟି କରିଛି। ବିଶେଷ କରି ଜୀବାଶ୍ମ ଇନ୍ଧନ ପାଇଁ ପ୍ରାୟ ସଂପୂର୍ଣ୍ଣ ରୂପେ ଆମଦାନି ଉପରେ ନିର୍ଭରଶୀଳ ହୋଇଥିବା ଭାରତ ଭଳି ଦେଶ ପାଇଁ ଏହା ଏକ ଅକାଳ ଅଶନି ଭଳି ଆବିର୍ଭୂତ ହୋଇଛି କହିଲେ ଭୁଲ୍ ହେବ ନାହିଁ।ପଶ୍ଚିମ ଏସିଆରେ ଏଇ ଅସ୍ଥିରତା ସୃଷ୍ଟି ହେବା ବେଳକୁ ଭାରତ ପୃଥିବୀର ଦ୍ରୁତତମ ବର୍ଦ୍ଧିଷ୍ଣୁ ବୃହତ୍ ଅର୍ଥନୀତି ରୂପେ ନିଜକୁ ପ୍ରତିଷ୍ଠିତ କରି ସାରିଥିଲା। ସ୍ୱାଭାବିକ ଭାବରେ ଆଶଙ୍କା କରାଯାଉଛି ଯେ ଏଇ ଅସ୍ଥିରତାଜନିତ ବିଭ୍ରାଟ ଯୋଗୁଁ ଅଭିବୃଦ୍ଧି ବାଧାପ୍ରାପ୍ତ ହୋଇ ସେଥିରେ ମନ୍ଥରତା ପ୍ରବେଶ କରିବ। କେବଳ ତୈଳ ଯୋଗାଣରେ ଅସ୍ଥିରତା ତଥା ତୈଳ ଦରରେ ବୃଦ୍ଧି ନୁହେଁ, ଏଭଳି ଏକ ଅସ୍ଥିର ସମୟରେ ନିବେଶକମାନଙ୍କ ମଧ୍ୟରେ ନିରୁତ୍ସାହ ମଧ୍ୟ ଅଭିବୃଦ୍ଧି ପଥରେ ପ୍ରତିବନ୍ଧକ ସୃଷ୍ଟି କରିବାର ଦୃଢ଼ ସମ୍ଭାବନା ରହିଥାଏ। ଏଇ ପୃଷ୍ଠଭୂମିରେ ଭାରତୀୟ ଅର୍ଥନୀତି ହାସଲ କରିଥିବା ଅଭିବୃଦ୍ଧି ('ଜିଡିପି'ରେ ଅଭିବୃଦ୍ଧି) ସମ୍ବନ୍ଧରେ ସଦ୍ୟ ପ୍ରକାଶିତ ସୂଚନା ସମସ୍ତଙ୍କୁ ଅଳ୍ପେବହୁତେ ଚକିତ କରିଦେଇଛି। ଭାରତର ୨୦୨୫-୨୬ ବିତ ବର୍ଷର ଶେଷ ଅର୍ଥାତ୍ ଚତୁର୍ଥ ଚଉଠରେ ହାସଲ ହୋଇଥିବା ଅଭିବୃଦ୍ଧି ସଂପର୍କରେ ଗତ ସପ୍ତାହରେ 'ନେସନାଲ୍ ଷ୍ଟାଟିଷ୍ଟିକ୍ ?ସ ଅଫିସ' ('ଏନ୍‌ଏସ୍‌ଓ') ଦ୍ୱାରା ପ୍ରକାଶିତ ସୂଚନା ଏଇ ଅନୁଭବ ସୃଷ୍ଟି କରିଥାଏ। ଏଠାରେ ମନେ ପକାଇ ଦିଆଯାଇପାରେ ଯେ ବିତ ବର୍ଷର ଶେଷ ଚଉଠର ଶେଷ ମାସ ଅର୍ଥାତ୍ ମାର୍ଚ୍ଚ ମାସର ଆରମ୍ଭ ସହିତ ତାଳ ଦେଇ ଇରାନ ଯୁଦ୍ଧ ଆରମ୍ଭ ହୋଇଥିଲା। କୁହାଯାଇପାରେ ଯେ ୨୦୨୫-୨୬ ବିନ୍ତ ବର୍ଷର ଶେଷ ଚଉଠର ଏକ-ତୃତୀୟାଂଶ ଯୁଦ୍ଧ ଦ୍ୱାରା ପ୍ରଭାବିତ ହୋଇଥିଲା। ଏହା ସତ୍ତ୍ୱେ 'ଏନ୍‌ଏସ୍‌ଓ' ଦ୍ୱାରା ପ୍ରଦନ୍ତ ସୂଚନାରୁ ଜଣାପଡ଼ିଛି ଯେ ମଧୁରେଣ ସମାପୟେତ୍ ଭଳି ଏଇ ଚଉଠରେ ଭାରତର 'ଜିଡିପି' ବା ମୋଟ ଘରୋଇ ଉତ୍ପାଦରେ ବାର୍ଷିକ ୭.୮ ଶତାଂଶ ହାରରେ ଅଭିବୃଦ୍ଧି ଘଟିଛି। ଭାରତୀୟ ଅର୍ଥନୀତିର ଗତିବିଧି ଉପରେ ତୀକ୍ଷ୍ ?ଣ ନଜର ରଖିଥିବା ବିଶେଷଜ୍ଞ ଅର୍ଥନୀତିଜ୍ଞମାନେ ଏହି ଅଭିବୃଦ୍ଧିର ଆଶାବାଦୀ ପୂର୍ବାନୁମାନକୁ ୭.୨ ଶତାଂଶ ମଧ୍ୟରେ ସୀମିତ କରିଥିବା ବେଳେ ବାସ୍ତବ ଅଭିବୃଦ୍ଧି ହାର ତାହାକୁ ଅତିକ୍ରମ କରି ସମସ୍ତଙ୍କୁ ଚମତ୍କୃତ କରିଦେଇଛି।ଶେଷ ଚଉଠର ଅଭିବୃଦ୍ଧି ହାର ପ୍ରକାଶ ପାଇବା ପରେ ସମଗ୍ର ୨୦୨୫-୨୬ ବିନ୍ତ ବର୍ଷ ପାଇଁ ଅର୍ଥନୀତିର ବାସ୍ତବ ଅଭିବୃଦ୍ଧି ହାର ସମ୍ବନ୍ଧରେ କରାଯାଇଥିବା ଅସ୍ଥାୟୀ ଆକଳନ ଅନୁସାରେ ତାହା ୭.୭ ଶତାଂଶ ହୋଇଛି ବୋଲି ବିଶ୍ୱାସ କରାଯାଉଛି। ଏହାର ତତ୍ପାର୍ଯ୍ୟ ହୃଦୟଙ୍ଗମ କରିବାରେ ଯାହା ସହାୟକ ହୋଇଥାଏ, ତାହା ହେଲା- ଏହାର ପୂର୍ବ ବିନ୍ତ ବର୍ଷ ୨୦୨୪-୨୫ରେ ଭାରତୀୟ ଅର୍ଥନୀତି ହାସଲ କରିଥିବା ବାସ୍ତବ ଅଭିବୃଦ୍ଧି ହାର ଥିଲା ୭.୧ ଶତାଂଶ। ସମସ୍ତ ଘାତପ୍ରତିଘାତ ସତ୍ତ୍ୱେ ୨୦୨୫-୨୬ ବିନ୍ତ ବର୍ଷରେ 'ଜିଡିପି'ର ବାସ୍ତବ ଅଭିବୃଦ୍ଧି ହାର ପୂର୍ବ ବର୍ଷର ଅଭିବୃଦ୍ଧି ହାରକୁ ଅତିକ୍ରମ କରିବାର କାରଣ ଅନୁସନ୍ଧାନକାରୀମାନଙ୍କ ମଧ୍ୟରୁ କେତେକ ଏଇ ସମୟରେ ଅଭିବୃଦ୍ଧି ହାର ହିସାବ ନିମିନ୍ତ ପରିସାଂଖ୍ୟନିକ ପଦ୍ଧତିରେ କରାଯାଇଥିବା ପରିବର୍ନ୍ତନକୁ ଏଥିପାଇଁ ଦାୟୀ କରିଥାନ୍ତି। ନିର୍ଦ୍ଦିଷ୍ଟ ଭାବରେ ସେମାନେ 'ଜିଡିପି' ହିସାବ ପାଇଁ ବ୍ୟବହୃତ ଆଧାର ବର୍ଷରେ କରାଯାଇଥିବା ପରିବର୍ନ୍ତନ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଥାନ୍ତି, ଯାହା ଅନୁସାରେ ପୂର୍ବର ୨୦୧୧-୧୨ ସ୍ଥାନରେ ବର୍ନ୍ତମାନ ୨୦୨୨-୨୩କୁ ଆଧାର ବର୍ଷର ମାନ୍ୟତା ପ୍ରଦାନ କରାଯାଇଛି। ଏଥି ସହିତ କାର୍ଯ୍ୟକାରୀ କରାଯାଇଥିବା ଅନ୍ୟ କେତେକ ହିସାବ ପଦ୍ଧତି ସହିତ ମିଶି ଆଧାର ବର୍ଷରେ ଘଟିଥିବା ଏହି ପରିବର୍ନ୍ତନ ଯୋଗୁଁ ଭାରତର 'ଜିଡିପି'ର ଆକାରରେ କିଛି ମାତ୍ରାରେ ହ୍ରାସ ଘଟିଥିଲେ ହେଁ, ଏହାର ଅଭିବୃଦ୍ଧି ହାରରେ ଉନ୍ନତି ଘଟିବା ଦେଖାଯାଇଛି। ସନ୍ଦେହୀମାନେ ଯାହା ପ୍ରତି ଦୃଷ୍ଟି ଆକର୍ଷଣ କରି ଏହା ଉପରେ ପ୍ରଶ୍ନ ଚିହ୍ନ ଲଗାଇଥାନ୍ତି, ତାହା ହେଲା ଏଇ ସମୟରେ ହାସଲ ହୋଇଥିବା ନାମମାତ୍ର ବା ନୋମିନାଲ୍ ଅଭିବୃଦ୍ଧି ହାର ଯେଉଁଥିରେ ମୁଦ୍ରାସ୍ଫୀତିର ପ୍ରଭାବ ଅନ୍ତର୍ଭୁକ୍ତ ହୋଇଥାଏ ଏବଂ ଯାହା ଏକ ଅପେକ୍ଷାକୃତ ନୀଚା ୮.୯ ଶତାଂଶ ହୋଇଛି। ଏହାର ଅର୍ଥ ଅଭିବୃଦ୍ଧି ହାରରୁ ମୁଦ୍ରାସ୍ଫୀତିର ପ୍ରଭାବକୁ କାଢ଼ି ନେଇ ବାସ୍ତବ ଅଭିବୃଦ୍ଧି ହାର ନିର୍ଣ୍ଣୟ କରିବା ପାଇଁ ବ୍ୟବହାର କରାଯାଉଥିବା 'ଡିଫ୍ଲେଟର' ଆଶା କରାଯାଉଥିବା ଠାରୁ କ୍ଷୁଦ୍ରତର ହୋଇଥିବାରୁ ବାସ୍ତବ ଅଭିବୃଦ୍ଧି ହାର ସ୍ତର ଏଭଳି ଉଚ୍ଚ ହୋଇଛି। କିନ୍ତୁ ଏହା ଦ୍ୱାରା ସେମାନେ ଅନ୍ୟ ଯେଉଁ ଏକ ଗୁରୁତ୍ୱପୂର୍ଣ୍ଣ କାରଣକୁ ଅଣଦେଖା କରିଥାନ୍ତି, ତାହା ହେଲା ଏଇ ସମୟରେ 'ଜିଏସ୍‌ଟି'ରେ ଘଟା ଯାଇଥିବା ହ୍ରାସ ଓ ପୂର୍ବରୁ ଆୟ କରରେ ପ୍ରଦାନ କରାଯାଇଥିବା ରିହାତିର ମିଳିତ ପ୍ରଭାବରେ ଦେଶରେ ଘରୋଇ ଚାହିଦା ସ୍ତରରେ ଯେଉଁ ଉନ୍ନତି ପରିଲକ୍ଷିତ ହୋଇଛି, ତାହା ନିଶ୍ଚିତ ରୂପେ 'ଜିଡିପି'ର ବାସ୍ତବ ଅଭିବୃଦ୍ଧି ହାରରେ ଉନ୍ନତି ଘଟାଇବାରେ ସହାୟକ ହୋଇଛି। ବାସ୍ତବରେ ଅର୍ଥନୀତିର ବିଭିନ୍ନ କ୍ଷେତ୍ରରେ ଘଟିଥିବା ଅଭିବୃଦ୍ଧି ହାର ଉପରେ ଦୃଷ୍ଟି ନିକ୍ଷେପ କଲେ ଯାହା ଦେଖିବାକୁ ମିଳିଥାଏ, ତାହା ଏହାକୁ ପ୍ରମାଣିତ କରିଥାଏ : ସେବା କ୍ଷେତ୍ରରେ ୯ ଶତାଂଶ, ମାନୁଫାକ୍ ?ଚରିଙ୍ଗରେ ୧୦ ଶତାଂଶରୁ ଅଧିକ, ମୋଟ ସ୍ଥାୟୀ ପୁଞ୍ଜି ସଂରଚନାରେ ୮.୨ ଶତାଂଶ ଇତ୍ୟାଦି। ଯୁଦ୍ଧ ଆରମ୍ଭ ହୋଇଯିବା ପରେ ଅର୍ଥନୀତିକୁ ସମ୍ଭାବ୍ୟ ତୈଳ ସଂକଟ ଓ ଦର ବୃଦ୍ଧିରୁ ସୁରକ୍ଷିତ ରଖିବା ନିମିନ୍ତ ସରକାର ଯେଉଁ ସମସ୍ତ ପଦକ୍ଷେପ ଗ୍ରହଣ କରିଥିଲେ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସମ୍ପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com/ utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସମ୍ପାଦନା ପାଇଁ ପି.ଆର.ବି. ଆକ୍ଟ ଅନୁଯାୟୀ ଉତ୍ତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003

ମୌସୁମୀ ବିପର୍ଯ୍ୟୟର ମୁକାବିଲା ପାଇଁ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର ପ୍ରସ୍ତୁତି

'ଟେବୁଲ୍ ଟପ୍ ଏକ୍ସରସାଇଜ୍' ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା,୧୮/୬(ନି/ପ୍ର): ଆସନ୍ତା ମୌସୁମୀ ଋତୁରେ ବନ୍ୟା ଏବଂ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା କରିବା ପାଇଁ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି । ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ନିର୍ଦ୍ଦେଶନାମ ଅନୁସାରେ ଝାରସୁଗୁଡ଼ା ଜିଲ୍ଲା କାର୍ଯ୍ୟାଳୟର ଜରୁରୀକାଳୀନ ବିଭାଗ ପକ୍ଷରୁ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆୟୋଜିତ ଏହି ବୈଠକରେ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ଅଧୀନରେ 'ଟେବୁଲ୍ ଟପ୍ ଏକ୍ସରସାଇଜ୍' ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଛି ।ଏହି ଆଲୋଚନାଚକ୍ରରେ ବିଶେଷ କରି ମୌସୁମୀ ପୂର୍ବ ପ୍ରସ୍ତୁତି, ମୌସୁମୀ ସମୟରେ ଜରୁରୀକାଳୀନ ଉଦ୍ଧାର କାର୍ଯ୍ୟ ଏବଂ ମୌସୁମୀ ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟକୁ କିପରି ସୁଚାରୁ ରୂପେ ସମ୍ପାଦନ କରାଯାଇପାରିବ, ସେ ନେଇ ଏକ ବ୍ଲୁ-ପ୍ରିଂଟ ପ୍ରସ୍ତୁତ କରାଯାଇଛି । ବିପର୍ଯ୍ୟୟ ସମୟରେ ବିଭିନ୍ନ ବିଭାଗ ମଧ୍ୟରେ ଉତମ ସମନ୍ୱୟ ରକ୍ଷା କରି ଧନଜୀବନର ସୁରକ୍ଷା କରିବା ଏହି ଅଭ୍ୟାସର ମୂଳ ଲକ୍ଷ୍ୟ ବୋଲି ବୈଠକରେ ଗୁରୁତ୍ୱ ଆରୋପ କରାଯାଇଛି । ଆୟୋଜିତ ଏହି ବୈଠକରେ ଓସାପ୍ ଦ୍ୱିତୀୟ ବାହିନୀର କମାଣ୍ଡାଂଟ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ସମସ୍ତ ବିଡିଓ, ସମସ୍ତ ପୌରପାଳିକାର ନିର୍ବାହୀ ଅଧିକାରୀ, ଗ୍ରାମ୍ୟ ଜଳଯୋଗାଣ, ୱାଟକୋ, ଟିପିଡବ୍ଲ୍ୟୁଓଡିଏଲ୍ ର ଅଧୀକ୍ଷଣ ଓ ନିର୍ବାହୀ ଯନ୍ତ୍ରୀ, ଜିଲ୍ଲା ଅଗ୍ନିଶମ ଅଧିକାରୀ ଏବଂ ଜିଲ୍ଲା ଶିକ୍ଷାଧିକାରୀ ପ୍ରମୁଖ ସାମିଲ ହୋଇଥିଲେ । ଏହା ସହିତ ବହୁମୁଖୀ ବାତ୍ୟା/ ବନ୍ୟା ଆଶ୍ରୟସ୍ଥଳୀ ଏବଂ ଏନଜିଓର ପ୍ରତିନିଧିମାନେ ମଧ୍ୟ ଭର୍ଚୁଆଲ୍ ମୋଡ୍‌ରେ ଯୋଗ ଦେଇଥିଲେ ।

ସମ୍ବଲପୁରରେ ଅନୁଷ୍ଠିତ ପ୍ରାନ୍ତ ଅଭ୍ୟାସ ବର୍ଗରେ ୧୪ ସାଂଗଠନିକ ଜିଲ୍ଲାରୁ ୩୦୦ରୁ ଅଧିକ କାର୍ଯ୍ୟକର୍ତ୍ତାଙ୍କ ଅଂଶଗ୍ରହଣ

ଝାରସୁଗୁଡା,୧୮/୬(ନି/ପ୍ର): ସମ୍ବଲପୁରରେ ଅନୁଷ୍ଠିତ ପ୍ରାନ୍ତ ଅଭ୍ୟାସ ବର୍ଗରେ ୧୪ ସାଂଗଠନିକ ଜିଲ୍ଲାରୁ ୩୦୦ରୁ ଅଧିକ କାର୍ଯ୍ୟକର୍ତ୍ତାଙ୍କ ଅଂଶଗ୍ରହଣ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଓଡ଼ିଶା ପଶ୍ଚିମ ପ୍ରାନ୍ତର ପ୍ରାନ୍ତ ଅଭ୍ୟାସ ବର୍ଗ ଜୁନ ୫ରୁ ୮ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ସାସନସ୍ଥିତ ବିର୍ଲା ଓପନ୍ ମାଇଣ୍ଡ ଇଂଟରନ୍ୟାସନାଲ ସ୍କୁଲ ପରିସରରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଚାରିଦିନିଆ ଅଭ୍ୟାସ ବର୍ଗରେ ପଶ୍ଚିମ ଓଡ଼ିଶାର ୧୪ଟି ସାଂଗଠନିକ ଜିଲ୍ଲାରୁ ୩୦୦ରୁ ଅଧିକ କାର୍ଯ୍ୟକର୍ତ୍ତା ଯୋଗଦେଇ ସାଂଗଠନିକ ଓ ବୈଚାରିକ ପ୍ରଶିକ୍ଷଣ ଗ୍ରହଣ କରିଥିଲେ । ଅଭ୍ୟାସ ବର୍ଗରେ ରାଜ୍ୟ ସମ୍ପାଦକ ଆଗାମୀ ବର୍ଷ ପାଇଁ ସଂଗଠନର କାର୍ଯ୍ୟ ଯୋଜନା ଓ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା କରିଥିଲେ । କାର୍ଯ୍ୟକ୍ରମ ଶେଷରେ ୨୦୨୬-୨୭ ବର୍ଷ ପାଇଁ ପଶ୍ଚିମ ଓଡ଼ିଶା ପ୍ରାନ୍ତର ନୂତନ ସାଂଗଠନିକ ଦାୟିତ୍ୱ ଘୋଷଣା କରାଯାଇଥିଲା । ଏହି ଅବସରରେ ଝାରସୁଗୁଡ଼ା ଜିଲ୍ଲାର ୯ ଜଣ କାର୍ଯ୍ୟକର୍ତ୍ତାଙ୍କୁ ବିଭିନ୍ନ ଦାୟିତ୍ୱ ପ୍ରଦାନ କରାଯାଇଛି । ଜିତେନ୍ଦ୍ର ମହାନନ୍ଦଙ୍କୁ ଜିଲ୍ଲା ପ୍ରମୁଖ, ଘନଶ୍ୟାମ ପଟ୍ଟନାୟକଙ୍କୁ ଜିଲ୍ଲା ସଂଯୋଜକ, ହିତେଶ ଝାଙ୍କୁ ଜିଲ୍ଲା ବ୍ୟବସ୍ଥା ପ୍ରମୁଖ, ଦମୟନ୍ତୀ ପାଣ୍ଡେଙ୍କୁ ସୁନ୍ଦରଗଡ଼ ବିଭାଗ ରାଷ୍ଟ୍ରୀୟ କଳା ମଞ୍ଚ ସଂଯୋଜିକା, ସତ୍ୟନାରାୟଣ ଦାସଙ୍କୁ ଝାରସୁଗୁଡ଼ା ଖଣ୍ଡ ସହ-ସଂଯୋଜକ, ତରାନା ବେହେରାଙ୍କୁ କିର୍ମିରା ଖଣ୍ଡ ସଂଯୋଜିକା ଭାବେ ଦାୟିତ୍ୱ ଦିଆଯାଇଛି ।

ଅଟୋ ଓ ବ୍ୟକ୍ତିଗତ ଗାଡ଼ି ଚାଳକଙ୍କ ଅଧିକାର ପାଇଁ ମହାସଂଘର ଦାବି

ଝାରସୁଗୁଡା,୧୮/୬(ନି/ପ୍ର): ଅଟୋ ଓ ବ୍ୟକ୍ତିଗତ ଗାଡ଼ି ଚାଳକମାନଙ୍କୁ ଡ୍ରାଇଭର କଲ୍ୟାଣ ବୋର୍ଡରେ ସାମିଲ କରିବା ସହ ବିଭିନ୍ନ ଦାବି ନେଇ ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଗୁରୁବାର ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଡ୍ରାଇଭରମାନଙ୍କ ସମସ୍ୟାର ସ୍ଥାୟୀ ସମାଧାନ ନହେଲେ ଆଗାମୀ ଦିନରେ ରାଜ୍ୟବ୍ୟାପୀ ଆନ୍ଦୋଳନ ଆରମ୍ଭ କରାଯିବ ବୋଲି ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି । ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଏହି ସମସ୍ୟା ସମ୍ପର୍କରେ ପୂର୍ବରୁ ଓଡ଼ିଶା ମୋଟର ପରିବହନ ଡ୍ରାଇଭର କଲ୍ୟାଣ ବୋର୍ଡ, ପରିବହନ ମନ୍ତ୍ରୀ ଏବଂ ପରିବହନ କମିଶନରଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସକାରାତ୍ମକ ପଦକ୍ଷେପ ନିଆଯାଇନାହିଁ । ଅଟୋ ଓ ବୃତିଗତ ଡ୍ରାଇଭରମାନଙ୍କୁ ସାମାଜିକ ସୁରକ୍ଷା ସୁବିଧା ପ୍ରଦାନ କରିବା ସହ ସେମାନଙ୍କର ବିଭିନ୍ନ ମୌଳିକ ସମସ୍ୟା ପ୍ରତି ସରକାରଙ୍କ ଉଦାସୀନ ମନୋଭାବ ଯୋଗୁଁ ଚାଳକ ସମାଜ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବା ଦର୍ଶାଯାଇଛି । ଏହି ପରିପ୍ରେକ୍ଷୀରେ ଓଡ଼ିଶା ଡ୍ରାଇଭର ଏକତା ମହାସଂଘ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇଛି । ଆସନ୍ତା ୯୦ ଦିନ ମଧ୍ୟରେ ଡ୍ରାଇଭରମାନଙ୍କ ସମସ୍ୟାର ସ୍ଥାୟୀ ସମାଧାନ ନହେଲେ ସଂଘ ରାଜପଥକୁ ଓହ୍ଲାଇ ଆନ୍ଦୋଳନକୁ ତୀବ୍ରତର କରିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ନୂତନ ରାଜ୍ୟ ସରକାର ଡ୍ରାଇଭରମାନଙ୍କ ସମସ୍ୟାକୁ ଗୁରୁତ୍ୱର ସହ ବିଚାର କରି ଶୀଘ୍ର ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି ମହାସଂଘ ଆଶା ପ୍ରକାଶ କରିଛି । ଦାବିପତ୍ର ପ୍ରଦାନ ବେଳେ ସଂଘର ସମ୍ପାଦକ ପଂଚାନନ ପ୍ରଧାନ, ସଭାପତି ବିଚିତ୍ର ସେଠୀ, ସୋନୁ ସୁନାଙ୍କ ସମେତ ଝାରସୁଗୁଡ଼ା ଜିଲ୍ଲାର ବହୁ ସଦସ୍ୟ ଓ ଡ୍ରାଇଭର ଉପସ୍ଥିତ ଥିଲେ । ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ଓ ଆର୍ଟିଓ ପ୍ରମୟ ମିଶ୍ରଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା ।

ରଥଖଳା : ଆରମ୍ଭ ହେଲା ଈଷ ପ୍ରସ୍ତୁତି



ପୁରୀ,୧୮/୬(ନି/ପ୍ର): ରଥ ନିର୍ମାଣ କାର୍ଯ୍ୟ ୫୮ ଦିନରେ ପହଂଚିଛି । ଆଜି ସକାଳ ୮ଟାରୁ ରଥ ନିର୍ମାଣକାରୀ ସେବକମାନେ ପହଚିଂ ଥିଲେ ହେଁ ବିବାଦ ଯୋଗୁଁ ୪ ଘଟାଂ କାମ ବନ୍ଦ ରହିଥିଲା । ଦିନ ପ୍ରାୟ ୧୨ଟା ପରେ କାମ ଆରମ୍ଭ ହୋଇଥିଲା । ଆଜି ରଥର ଈଷ କାମ ଆରମ୍ଭ ହୋଇଥିଲା । ରଥରେ ଏହି ଈଷ କାଠ ସଂଯୋଗ କରାଯାଇ ଘୋଡ଼ା ଯୋଖାଯାଏ । କାଠଗୁଡ଼ିକୁ ଆବଶ୍ୟକ ସାଇଜ ଅନୁସାରେ ଚଉପଟ କରିବା ପରେ ମହାରଣା ସେବକମାନେ ଈଷ ତିଆରି କାର୍ଯ୍ୟ ଆରମ୍ଭ କରିଛନ୍ତି । ଏଥିସହ ଦ୍ୱିତୀୟ ଭୂଇଁ ଉଭୟ ପାର୍ଶ୍ୱରେ ଅନ୍ଧାରି ତାଗ ବାଡ଼ିଆ ଯାଇ ଅଗ ଭୂଇଁ ବା ତୃତୀୟ ଭୂଇଁରେ କଇଟିଂ ସହ ଅନ୍ଧାରି ତାଗ ବାଡ଼ିଆ କାର୍ଯ୍ୟ ଆରମ୍ଭ ହୋଇଛି । ଏଥିସହ ତିନି ରଥରେ ପଟା ବାଡ଼ିଆ କାର୍ଯ୍ୟ ଜାରି ରହିଛି । ପଛ ଆଣି ଡମକ ପଛ ନାହାକାକୁ ଲଗାଇ ପକାଯିବା ସହ କଟାଂ ବାଡ଼ିଆ କାର୍ଯ୍ୟ ସରିଛି । ଏହି ଆଗ ଓ ପଛ ଡମକ ଉପରେ ୫ଟି ଜଗତ ପୃଷ୍ଠ ସେଣି ପଡ଼ିବା ପରେ ବେଦୀ ସିଂହାସନ ନିର୍ମାଣ କରାଯିବ । ରୂପକାର ସେବକମାନେ ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଜାରି କରିଛନ୍ତି । ଦୋଳବେଦୀ ଅସ୍ଥାୟୀ କମାରଶାଳରେ ଓଝା କମାର ସେବକମାନେ ରଥର ଗୋଡ଼ି ଛାଲ, ପୋଟଳ ବାଗିଆ କଟାଂ ନିର୍ମାଣ ଶେଷ କରି ପାଦି କଟାଂ, ଚାନ୍ଦି କ୍ଲାମ୍ପ କଟାଂ ନିର୍ମାଣ କରୁଛନ୍ତି । ଦୋଳବେଦୀ ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ତିନି ରଥର ଗୋଡ଼ି ଛାଲ, ପୋଟଳ ବାଗିଆ କ[। ନିର୍ମାଣ ଶେଷ କରି ତିନିରଥର ପାଦି କଟାଂ ସହ ଚାନ୍ଦି କ୍ଲାମ୍ପ କଟାଂ ନିର୍ମାଣ କରୁଛନ୍ତି । ଚିତ୍ରକାର ସେବକମାନେ ରଥ ପାର୍ଶ୍ୱ ଦେବ ଦେବୀଙ୍କ ମୂର୍ତ୍ତିରେ ରଙ୍ଗ କାର୍ଯ୍ୟ ସହ ରଥ ଚକ, ଗୁଜ, ପଟାଗୁଜ ଇତ୍ୟାଦିରେ ଧଳା ପ୍ରାଇମର୍ ଦେବା କାର୍ଯ୍ୟ ଜାରି ରଖିଛନ୍ତି । ପାହି ମହାରଣାମାନେ ସେବା ପୂଜା ପାଇଁ ଠାକୁରଙ୍କ ବେଶ ଘୋଡ଼ିଆ, ଚାଙ୍ଗଡ଼ା ଷ୍ଟାଣ୍ଡ ଇତ୍ୟାଦି କାଠ ସରଞ୍ଜାମ ତିଆରି କରୁଛନ୍ତି ।

ଧର୍ମୁବାବାଙ୍କ ସ୍ମୃତି ଦିବସ ପାଳିତ

ସମ୍ବଲପୁର,୧୮/୬(ନି/ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଅନ୍ତର୍ଗତ କେନାଢିପା ସ୍ଥିତ ସାଏରଜା ବାବାମଠ ପରିସରରେ ମଙ୍ଗଳବାର ଦିନ ଧର୍ମୁ ବାବାଙ୍କ ସ୍ମୃତି ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଧର୍ମୁ ବାବା ଗତ ମେ ମାସ ୨୭ ତାରିଖ ଦିନ ଇହଧାମ ତ୍ୟାଗ କରିଥିଲେ । ଏହି ଅବସରରେ କେନାଢିପା ପଂଚାୟତର ସମସ୍ତ ଗ୍ରାମବାସୀଙ୍କୁ ନିମନ୍ତ୍ରଣ କରାଯାଇଥିଲା । ବାବା ୧୯୯୧ ମସିହାରୁ ଦୀର୍ଘ ୩୫ ବର୍ଷ ଧରି କେନାଢିପା ବାବା ମଠର ରକ୍ଷଣାବେକ୍ଷଣା ଦାୟିତ୍ୱ ନେଇ ଆସୁଥିଲେ । ସେ ଏହି ଅଂଚଳରୁ ଭିକ୍ଷାମାଗି ବହୁ ଚର୍ଚ୍ଚିତ ଧ୍ୱନୀ ମନ୍ଦିର ନିର୍ମାଣ କରିଥିଲେ । ଧର୍ମୁ ବାବାଙ୍କ ତତ୍ୱାବଧାନରେ ମଠ ଚତୁଃପାର୍ଶ୍ୱରେ ଆମ୍ବ, ପିଜୁଳି,ପଣସ, ନଡ଼ିଆ ଇତ୍ୟାଦି ଫଳ ଗଛ ଲଗାଯାଇଥିଲା । ନିକଟରେ ଥିବା ସାଏ ରଜା ଗୁମ୍ଫା ବୁଲି ଦର୍ଶକ ଆନନ୍ଦିତ ହୋଇଥାନ୍ତି ।ବଣ ପାହାଡ ଘେରା ମଧ୍ୟ ରେ ଗଢ଼ି ଉଠିଥିବା ମଠ ଦର୍ଶକଙ୍କୁ ବିମୋହିତ କରିଥାଏ । ସରକାରଙ୍କ ତରଫରୁ ବାଡ ପାଇଁ ଅନୁଦାନ ପ୍ରଦାନ କଲେ ମଠର ରକ୍ଷଣା ବେକ୍ଷଣା ହୋଇପାରିବ ବୋଲି ଭକ୍ତ ମାନେ ସରକାର ଙ୍କୁ ଅନୁରୋଧ କରିଛନ୍ତି । କୁଚିଣ୍ଡା ଉପଖଣ୍ଡ ଅଂଚଳରୁ ପ୍ରାୟ ପାଂଚଶହ ରୁ ଅଧିକ ଅଲେଖ ମହିମା ଭକ୍ତ ସମାଗମ ହୋଇ ଧର୍ମୁ ବାବା ଙ୍କ ସ୍ମରଣୀୟ ଦିବସ ପାଳନ ଧୁମ୍ ଧାମରେ ପାଳନ ହୋଇଯାଇଛି ।

ରାବାନାଜୁ ସ୍କୁଲ ସ୍ୱଚ୍ଛ ଓ ହରିତ ବିଦ୍ୟାଳୟ ରେଟିଂ ପ୍ରତିଯୋଗିତାରେ ସଫଳତା

ଘୁ.ଉଦୟଗିରି,୧୮/୬(ନି/ପ୍ର): ସ୍ୱଚ୍ଛ ଓ ହରିତ ବିଦ୍ୟାଳୟ ରେଟିଂ ରେ ସର୍ବଭାରତୀୟ ସ୍ତରରେ କନ୍ଧମାଳ ଜିଲ୍ଲାରୁ ଘୁମୁସର ଉଦୟଗିରି ବିଜ୍ଞପିତ ଅଂଚଳ ପରିଷଦର ୧୨ ନମ୍ବର ୱାର୍ଡ଼ କନବାଗିରି ସ୍ଥିତ ରାବାନାଜୁ ପ୍ରାଥମିକ ବିଦ୍ୟାଳୟ ଜାତୀୟସ୍ତରରେ ମନୋନୀତ ହୋଇଛି ।ଦେଶର ମୋଟ ୧୦୪୭୮୫୯ ଟି ବିଦ୍ୟାଳୟ ମଧ୍ୟରୁ ୧୯୧ ଟି ବିଦ୍ୟାଳୟ ଜାତୀୟ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ଓଡ଼ିଶାର ୧୦ଟି ବିଦ୍ୟାଳୟ ମନୋନୀତ ହୋଇଛି । ସର୍ବଭାରତୀୟ ବିଦ୍ୟାଳୟଗୁଡ଼ିକ ମଧ୍ୟରୁ କନ୍ଧମାଳ ଜିଲ୍ଲାର ଘୁ.ଉଦୟଗିରି ସହରର କନବାଗିରୀ ସ୍ଥିତ ରାବାନାଜୁ ପ୍ରାଥମିକ ବିଦ୍ୟାଳୟ ଶତକଡ଼ା ୯୩. ୩ ପ୍ରତିଶତ ସ୍କୋର ହାସଲ କରି ଜାତୀୟ ସ୍ତରରେ ୧୧ତମ ସ୍ଥାନ ଅଧିକାର କରି ଜାତୀୟ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛି । ସୂଚନା ଅନୁସାରେ, ଗତ ଡିସେମ୍ବର ୩୦, ୨୦୨୫ ତାରିଖରେ ଓଡ଼ିଶାର ୨୩୦ଟି ବିଦ୍ୟାଳୟକୁ ନେଇ ଏକ ନିର୍ଦ୍ଦିଷ୍ଟ ଚୟନ କମିଟି ଦ୍ୱାରା ବିଦ୍ୟାଳୟରେ ସ୍ୱଚ୍ଛତା, ପରିବେଶ ସୁରକ୍ଷା, ହରିତ୍ ପ୍ରକଳ୍ପ, ପାନୀୟଜଳ ବ୍ୟବସ୍ଥା, ପରିଷ୍କାର ଶୌଚାଳୟ ଓ ପରିଚାଳନା ସହିତ ସମଗ୍ର ବିଦ୍ୟାଳୟର ପରିବେଶ ଆଧାରରେ ସବିଶେଷ ଯାଂଚ କରାଯାଇଥିଲା । କମିଟିର ଯାଚଂ ପରେ ୧୦ ଟି ସହରାଂଚଳ ଓ ୧୦ ଟି ଗ୍ରାମୀଣ ଅଚଂଳର ବିଦ୍ୟାଳୟ ସମୁଦାୟ ୨୦ଟି ବିଦ୍ୟାଳୟକୁ ଜାତୀୟସ୍ତର ପ୍ରତିଯୋଗିତା ନିମନ୍ତେ ଚୟନ କରାଯାଇଥିଲା । ସ୍କୁଲ କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ ଜାତୀୟ 'ସ୍ୱଚ୍ଛ ଏବଂ ହରିତ୍ ବିଦ୍ୟାଳୟ ରେଟିଂ' ପୁରସ୍କାର ପାଇଁ ରାବାନାଜୁ ପ୍ରାଥମିକ ବିଦ୍ୟାଳୟ ମନୋନୀତ ହୋଇଛି । ଜିଲ୍ଲାପାଳ ଶ୍ରୀ ବେଦ ଭୂଷଣ, ଡିଇଓ ରାଜେଶ କୁମାର ସ୍ୱାଇଁ,ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ବିଡିଓ ସତ୍ୟନାରାୟଣ ମିଶ୍ର, ସ୍ଥାନୀୟ ଏବିଇଓ,ସହ ଶିକ୍ଷୟିତ୍ରୀ ତୃପ୍ତି ପ୍ରଧାନଙ୍କ ସହ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟା ସଦସ୍ୟ ଙ୍କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପି ମଧୁମିତା ପ୍ରଧାନ କୃତଜ୍ଞତା ଜଣେଇବା ସହ ଧନ୍ୟବାଦ ଦେଇଛନ୍ତି । ଜାତୀୟ ସ୍ତରରେ ଏହି ଗୌରବମୟ ସଫଳତା ପାଇବା ପରେ ରାବାନାଜୁ ସ୍କୁଲ ପ୍ରତି ନିଷ୍ଠା, ପରିଶ୍ରମ ସମର୍ପଣ ନିମନ୍ତେ ପ୍ରଧାନ ଶିକ୍ଷୟତ୍ରୀ, ସହ ଶିକ୍ଷୟତ୍ରୀ ଓ ପରିଚାଳନା କମିଟିକୁ ଅଭିନନ୍ଦନର ସୁଅ ଛୁଟିଛି ।

ସୁବର୍ଣ୍ଣପୁରରେ ୨୦ ଯାଏଁ ସ୍କୁଲ କଲେଜ ଛୁଟି

ଭୁବନେଶ୍ୱର,୧୮/୬(ନି/ପ୍ର): ସୁବର୍ଣ୍ଣପୁର ଜିଲ୍ଲାରେ ଆସନ୍ତା ଜୁନ ୨୦ ତାରିଖ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନ ଛୁଟି ରଖିବାକୁ ନିଷ୍ପତି ହୋଇଛି । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଛୁଟି ଅବଧି ବୃଦ୍ଧି କରିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁଯାୟୀ ଜିଲ୍ଲାର ସମସ୍ତ ସ୍କୁଲ୍, କଲେଜ ଏବଂ ଅଙ୍ଗନବାଡି କେନ୍ଦ୍ର ଗୁଡିକ ଜୁନ ୨୦ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ ।

ସଫେଇ କର୍ମଚାରୀ ନିଯୁକ୍ତି ପାଇଁ ସମ୍ବଲପୁର ପୌର ପରିଷଦର ଆହ୍ୱାନ

ସମ୍ବଲପୁର,୧୮/୬(ନି/ପ୍ର): ସମ୍ବଲପୁର ପୌର ପରିଷଦ ପକ୍ଷରୁ ସଫେଇ କର୍ମଚାରୀ ନିଯୁକ୍ତି ପାଇଁ ଆବେଦନ ଆହ୍ୱାନ କରାଯାଇଛି । ପୌର ପରିଷଦର ଜେନେରାଲ୍ କାର୍ଯ୍ୟାଳୟ ପରିସରରେ ଆସନ୍ତା ୨୫ ଜୁନ ୨୦୨୬ ତାରିଖ ସକାଳ ୧୧ଟାରେ ପ୍ରାର୍ଥୀମାନଙ୍କର ପ୍ରତ୍ୟକ୍ଷ ସାକ୍ଷାତକାର (ଇଂଟରଭ୍ୟୁ) ଅନୁଷ୍ଠିତ ହେବ । ବିଜ୍ଞପ୍ତି ଅନୁଯାୟୀ, ଆବେଦନକାରୀଙ୍କୁ ଭାରତର ନାଗରିକ ହେବା ସହିତ ଶାରୀରିକ ଭାବେ ସୁସ୍ଥ ଓ କାର୍ଯ୍ୟକ୍ଷମ ହେବା ଆବଶ୍ୟକ । ପ୍ରାର୍ଥୀମାନେ ନିଜର ବୟସ ପ୍ରମାଣପତ୍ର, ଶିକ୍ଷାଗତ ଯୋଗ୍ୟତା ସନଦ ଏବଂ ଅନ୍ୟାନ୍ୟ ଆବଶ୍ୟକ କାଗଜପତ୍ର ସହିତ ୨୦ ଜୁନ ୨୦୨୬ ସୁଦ୍ଧା ସମ୍ବଲପୁର ପୌର ପରିଷଦର ଜେନେରାଲ୍ କାର୍ଯ୍ୟାଳୟରେ ଆବେଦନ ଦାଖଲ କରିବାକୁ ପଡ଼ିବ । ସଫେଇ କର୍ମଚାରୀଙ୍କ ଦାୟିତ୍ୱ ମଧ୍ୟରେ ଡ୍ରେନ୍ ସଫା, ରାସ୍ତା ଓ ସାର୍ବଜନିକ ସ୍ଥାନର ପରିଷ୍କାର-ପରିଚ୍ଛନ୍ନତା ଭଳି କାର୍ଯ୍ୟ ସାମିଲ ରହିବ । ନିର୍ଦ୍ଧାରିତ ସମୟ ପରେ ଦାଖଲ ହୋଇଥିବା ଆବେଦନପତ୍ର ଗ୍ରହଣ କରାଯିବ ନାହିଁ ବୋଲି ପୌର ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି ।

ଆସନ୍ତା ୧୯ରେ ଭୁବନେଶ୍ୱର ଏମ୍ସ ତରଫରୁ ରାଇରଙ୍ଗପୁରରେ ଆୟୋଜିତ ହେବ ନିଃଶୁଳ୍କ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର

ରାଇରଙ୍ଗପୁର,୧୮/୬(ନି/ପ୍ର): ଆସନ୍ତା ୧୯ ତାରିଖରେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଭୁବନେଶ୍ୱର ଏମ୍ସ ଚିକିତ୍ସାଳୟର ବିଭିନ୍ନ ରୋଗର ଚିକିତ୍ସା ପାଇଁ ବିଶେଷଜ୍ଞଙ୍କ ଦ୍ୱାରା ନିଶୁଳ୍କ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହେବ । ଏହି ପରିପ୍ରେକ୍ଷୀରେ ଇତିମଧ୍ୟରେ ଭୁବନେଶ୍ୱରର ଏମ୍ସର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ସିଇଓ ଡା. ଆଶୁତୋଷ ବିଶ୍ୱାସ, ମେଡିକାଲର ନିର୍ଦ୍ଦେଶକ ଡଃ. ପ୍ରଭାସ ରଞ୍ଜନ ତ୍ରିପାଠୀ, ବିଡିଏ ଲେଫ୍ଟନାଂଟ କର୍ଣ୍ଣେଲ ଅଜିତ ସରକାର, ଲୋକ ସମ୍ପର୍କ ଅଧିକାରୀ (ପିଆରଓ) ରାଜକିଶୋର ଦାସ, ସହକାରୀ ପ୍ରଶାସନିକ ଅଧିକାରୀ ଦିବ୍ୟ ପଟ୍ଟନାୟକ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଧନୁର୍ଜୟ ମହାନ୍ତ ଓ ଅନ୍ୟାନ୍ୟ ବରିଷ୍ଠ ପ୍ରଶାସନିକ ପଦାଧିକାରୀ ପ୍ରମୁଖ ରାଇରଙ୍ଗପୁର ଗସ୍ତରେ ଆସି ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ କରିବା ସହ ସମସ୍ତ ବିଭାଗ ଅନୁଧ୍ୟାନ କରିଛନ୍ତି । ଶିବିରର ପ୍ରାକ୍ ପ୍ରସ୍ତୁତି କାର୍ଯ୍ୟକ୍ରମରେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ଅଧିକ୍ଷକ ଡା. ରବୀନ୍ଦ୍ରନାଥ ମାରାଣ୍ଡି, ହସ୍ପିଟାଲ ମ୍ୟାନେଜର ଆଲୋକ ଗୋଛାୟତ ସହାୟତା କରିଥିଲେ । ଏହି ଅବସରରେ ଏମ୍ସର ସି ଇ ଓ ଡା. ବିଶ୍ୱାସ ସୂଚୀତ କରିଥିଲେ ଯେ, ଉପଖଣ୍ଡ ଚିକିତ୍ସାଳୟରେ ଚଳିତ ମାସ ୧୯ ତାରିଖ ଦିନ ଏମ୍ସ ଚିକିତ୍ସାଳୟର ବିଶେଷଜ୍ଞ ଦ୍ୱାରା ଏକ ସ୍ୱତନ୍ତ୍ର ନିଶୁଳ୍କ ଚିକିତ୍ସା ଶିବିର ଆୟୋଜିତ ହେବ । ବିଶେଷତଃ ବାମନଘାଟୀ ଉପଖଣ୍ଡ ସହିତ କରଞ୍ଜିଆ ଉପଖଣ୍ଡ ଏବଂ ଏହାର ଆଖପାଖ ଅଂଚଳର ବିଭିନ୍ନ ରୋଗରେ ଦୀର୍ଘକାଳୀନ ପୀଡ଼ିତ ରୋଗୀମାନେ ଏଠାରେ ବିଶେଷଜ୍ଞଙ୍କୁ ଦେଖାଇ ପରାମର୍ଶ ନେଇ ପାରିବେ । ଏଠାରେ ହୃଦରୋଗ , ସ୍ନାୟୁ ରୋଗ, ମେଡିସିନ, ଚର୍ମ, ଇ ଏନ ଟି (ନାସା -ଗଳା-କର୍ଣ୍ଣ), ଚକ୍ଷୁ , ପେଡିଆଟ୍ରିକ୍ସ, ସର୍ଜରୀ, କିଡନୀ, ପ୍ରସୂତି ଓ ସ୍ତ୍ରୀ ରୋଗ , ମେଡିସିନ ବିଭାଗ ସମ୍ବନ୍ଧୀୟ ବିଭିନ୍ନ ରୋଗର ଚିକିତ୍ସା ତଥା ପରୀକ୍ଷା ଇତ୍ୟାଦି ମାଗଣାରେ ଉପଲବ୍ଧ ହେବ । ଏତଦ ବ୍ୟତୀତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ପରାମର୍ଶ ପାଇବା ସହିତ ରୋଗୀମାନେ ସହଜରେ ଔଷଧ ଓ ଚିକିତ୍ସା ସୁବିଧା ନେବେ ବୋଲି ପ୍ରକାଶ କରିଥିଲେ । ତେଣୁ ଅଂଚଳର ରୋଗୀ ଏବଂ ଜନସାଧାରଣ ଏହି ସ୍ୱତନ୍ତ୍ର ନିଶୁଳ୍କ ସ୍ୱାସ୍ଥ୍ୟ ସେବାର ବହୁଳ ସୁଯୋଗ ନେବାକୁ ଏମ୍ସ ତରଫରୁ ନିବେଦନ କରାଯାଇଛି ।

ଗଡପଦରରେ ପଂଚାୟତସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶିବିର

ଜୟପୁର,୧୮/୬(ନି/ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ଗଡପଦର ଠାରେ ପଂଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶିବିର ଆଜି ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣିରେ ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ପାଢୀ, ବିଡିଓ ଶକ୍ତି ମହାପାତ୍ର, ସହକାରି ନିର୍ବାହୀ ଯନ୍ତ୍ରୀ ବିଜୟ ନନ୍ଦ, ସହକାରି ଯନ୍ତ୍ରୀ ରଞ୍ଜିତା ରାଣି ପଣ୍ଡା, ଜିପିଓ ସୁବିସ ଖିଲ, ପ୍ରୋଗ୍ରାମ ବାସିଷ୍ଟାଣ୍ଟ ସସ୍ମିତା ପରିଡା ସହ ଅନ୍ୟ ଲାଇନ ର ବ୍ଲକ ସ୍ତରିୟ ଅଧିକାରି ମାନେ ଉପସ୍ଥିତ ଥିଲେ । ଏଥିରେ ପଂଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ । ଗ୍ରାମବାସୀ ମାନେ ବିଭାଗର ଅଧିକାରି ମାନଙ୍କୁ ରାସ୍ତା ନିର୍ମାଣ, ପାନିୟ ଜଳ ସମସ୍ୟା, ଶ୍ମଶାନ ଗୃହ ନିର୍ମାଣ ନେଇ ଦାବି କରିଥିଲେ । ଏହା ସହ ଉପସ୍ଥିତ ଅଧିକାରି ମାନେ ବିଭିନ୍ନ ସରକାରୀ ଯୋଜନାର ଲାଭ କିପରି ପାଇବେ ସେନେଇ ସଚେତନ କରିଥିଲେ ।

ଖାଲଖମାରେ ହଜିଗଲା ଝାରସୁଗୁଡ଼ା-ଧୁତରା ରାସ୍ତା: ପ୍ରଶାସନର ନିଦ ଭାଙ୍ଗିବ କେବେ ?

ଝାରସୁଗୁଡ଼ା, ୧୮/୬(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସଂଯୋଗକାରୀ ସଡ଼କ ଝାରସୁଗୁଡ଼ା-ଧୁତରା ରାସ୍ତା ଏବେ ଚରମ ଅବ୍ୟବସ୍ଥା ଓ ଅବହେଳାର ଶିକାର ହୋଇପଡ଼ିଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜିଲ୍ଲାପାଳ କାର୍ଯ୍ୟାଳୟ, ଏସପି ଅଫିସ, ବିଭିନ୍ନ ବ୍ୟାଙ୍କ ଓ ପ୍ରମୁଖ ସରକାରୀ ପ୍ରତିଷ୍ଠାନକୁ ସଂଯୋଗ କରୁଥିବା ଏହି ରାସ୍ତାର ଦୁର୍ଦ୍ଦଶା ଏବେ ସାଧାରଣ ଲୋକଙ୍କ ପାଇଁ ଦୈନନ୍ଦିନ ଯନ୍ତ୍ରଣାର କାରଣ ପାଲଟିଛି । ତଥାପି ଜିଲ୍ଲା ପ୍ରଶାସନ ଓ ପୂର୍ତ୍ତ ବିଭାଗର ନୀରବତାକୁ ନେଇ ଜନଅସନ୍ତୋଷ ଦିନକୁ ଦିନ ବଢୁଛି । ଦକ୍ଷିଣ-ପୂର୍ବ ରେଳପଥର ଚତୁର୍ଥ ରେଳଲାଇନ୍ ନିର୍ମାଣ କାର୍ଯ୍ୟ ସହିତ ଅଂଚଳର ବିଭିନ୍ନ ଶିଳ୍ପାନୁଷ୍ଠାନର ଶତାଧିକ ଭାରୀ ଟିପର, ହାଇୱା, ସିମେଂଟ ବୋଝେଇ ଗାଡ଼ି ଏବଂ ଆଇଓସିଏଲ୍ ଟ୍ୟାଙ୍କର ଦିନରାତି ଏହି ରାସ୍ତାରେ ଚଳାଚଳ କରୁଛି । ଫଳରେ ସମ୍ପୂର୍ଣ୍ଣ ରାସ୍ତା ବଡ଼ ବଡ଼ ଖାଲଖମାରେ ପରିଣତ ହୋଇଥିବାବେଳେ ଯାତାୟାତ ଅତ୍ୟନ୍ତ ବିପଦଜନକ ହୋଇପଡ଼ିଛି । ରାସ୍ତାର ଅବସ୍ଥା ଏପରି ଯେ, ଗାଡ଼ି ଚଳାଇବା ତ ଦୂରର କଥା, ପାଦଚାରୀଙ୍କ ପାଇଁ ମଧ୍ୟ ଏହା ମୃତ୍ୟୁଫାନ୍ଦ ସଦୃଶ ହୋଇଯାଇଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ, ରାସ୍ତାର ଏଭଳି ଶୋଚନୀୟ ସ୍ଥିତି ବିଷୟରେ ବାରମ୍ବାର ପ୍ରଶାସନ ଓ ପୂର୍ତ୍ତ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ କେବଳ ଆଶ୍ୱାସନ ଛଡ଼ା ଆଉ କିଛି ମିଳିନାହିଁ । ପ୍ରଶ୍ନ ଉଠୁଛି, ଜିଲ୍ଲାର ଏତେ ଗୁରୁତ୍ୱପୂର୍ଣ୍ଣ ସଡ଼କର ଦୁର୍ଦ୍ଦଶା ଯଦି ମାସ ମାସ ଧରି ଏପରି ଜାରି ରହେ, ତେବେ ସମ୍ପୃକ୍ତ ବିଭାଗ କ'ଣ କରୁଛି ? ଏକ ବଡ଼ ଧରଣର ଦୁର୍ଘଟଣା ଘଟିବା ପରେ ହିଁ କି ପ୍ରଶାସନର ନିଦ ଭାଙ୍ଗିବ ? ଏହି ରାସ୍ତା ଉପରେ ଧୁତରା, ଅର୍ଡ଼ା, ସାରସମାଲ ସମେତ ଅନେକ ଗ୍ରାମର ହଜାର ହଜାର ଲୋକ ନିର୍ଭର କରୁଥିବା ବେଳେ ରାସ୍ତାର ଅବସ୍ଥା ସେମାନଙ୍କ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରୁଛି । ଯାତ୍ରୀବାହୀ ବସ, ସ୍କୁଲ ଛାତ୍ରଛାତ୍ରୀ, ରୋଗୀବାହୀ ଆମ୍ବୁଲାନ୍ସ ଏବଂ ସାଧାରଣ ଯାତ୍ରୀ ପ୍ରତିଦିନ ଜୀବନକୁ ବାଜି ଲଗାଇ ଏହି ରାସ୍ତାରେ ଯାତାୟାତ କରୁଛନ୍ତି । ଅର୍ଡ଼ା ସରପଂଚ ବୀଣାପାଣି ପୋଢ଼, ଗୋପାଳ କଲାର, ଦୁଃଖବନ୍ଧୁ ବାଘ, ମହେନ୍ଦ୍ର ବେହେରା, ସନ୍ତୋଷ ବାଘଙ୍କ ସମେତ ଅଂଚଳବାସୀ ତୁରନ୍ତ ସ୍ଥାୟୀ ଭାବେ ରାସ୍ତା ନିର୍ମାଣ ଓ ମରାମତି କାର୍ଯ୍ୟ ଆରମ୍ଭ କରିବାକୁ ଦୃଢ଼ ଦାବି କରିଛନ୍ତି । ଅନ୍ୟପକ୍ଷରେ, ଏହି ସମସ୍ୟା ନେଇ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଦାୟିତ୍ୱରେ ଥିବା ଡି.କେ. ମେହେରଙ୍କ ପ୍ରତିକ୍ରିୟା ନେବା ପାଇଁ ଯୋଗାଯୋଗର ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନଥିଲା । ତେଣୁ ଜନସାଧାରଣଙ୍କ ମନରେ ପ୍ରଶ୍ନ ସୃଷ୍ଟି ହୋଇଛି—ରାସ୍ତାର ଏହି ଦୁର୍ଦ୍ଦଶା ପାଇଁ ଦାୟୀ କିଏ ?

ଜିଲ୍ଲାରେ ବର୍ତମାନ ସୁଦ୍ଧା ୫,୨୬,୮୯୮ ପରିଗଣନା ଫର୍ମର ଡିଜିଟାଲାଇଯେସନ ପ୍ରକ୍ରିୟା ଶେଷ

ନବରଙ୍ଗପୁର,୧୮/୬(ନି/ପ୍ର): ନବରଙ୍ଗପୁର ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ଝଓଜ କାର୍ଯ୍ୟରେ ୮,୫୨,୩୩୨ ଜଣ ଭୋଟରଙ୍କୁ ପରିଗଣନା ଫର୍ମ ବିତରଣ କରାଯାଇଛି ଏବଂ ଏହାର ୬୧ ପ୍ରତିଶତ ଡିଜିଟାଲାଇଯେସନ୍ କାମ ସମ୍ପୂର୍ଣ୍ଣ ହୋଇଛି । ଆଜି ସୁଦ୍ଧା ଉମରକୋଟ ନିର୍ବାଚନ ମଣ୍ଡଳୀ ରେ ୫୬ପ୍ରତିଶତ,ଝରିଗାଁ ନିର୍ବାଚନ ମଣ୍ଡଳୀ ରେ ୬୭ ପ୍ରତିଶତ,ନବରଙ୍ଗପୁର ନିର୍ବାଚନ ମଣ୍ଡଳୀରେ ୫୬ ପ୍ରତିଶତ ଏବଂ ଡାବୁଗାଁ ନିର୍ବାଚନ ମଣ୍ଡଳୀରେ ୬୫ପ୍ରତିଶତ ପରିଗଣନା ଫର୍ମର ଡିଜିଟାଲାଇଯେଶନ କାର୍ଯ୍ୟ ଶେଷ ହୋଇଛି ବୋଲି ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ରୁ ସୁଚନା ମିଳିଛି ।ଆଜି ଚନ୍ଦାହାଣ୍ଡି ଠାରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଡ଼ ପ୍ରମୋଦ କୁମାର ପୃଷ୍ଟି ୧୦୦ ପ୍ରତିଶତ ଡିଜିଟାଲାଇଯେସନ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବାରୁ ବି ଏଲ ଓ ପି କେ କାଶ୍ୟପଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ ।

ତୋଫାନ ବିନ୍ଧାଣୀ ହତ୍ୟା ଘଟଣାରେ ଆସାମୀଙ୍କୁ ଗିରଫଦାରୀର ବିଳମ୍ବକୁ ନେଇ ବିଧାୟକଙ୍କ ବାସଭବନ ବାହାରେ ବିକ୍ଷୋଭ

ରାଉରକେଲା,୧୮/୬(ନି/ପ୍ର): ଜୁନ୍ ୧୬ ତାରିଖରେ ୨୯ ବର୍ଷୀୟ ଯୁବକ ତୋଫାନ ବିନ୍ଧାଣୀଙ୍କ ନିର୍ମମ ହତ୍ୟାକୁ ନେଇ ରାଉରକେଲା ସେକ୍ଟର-୬ ଅଂଚଳର ବାସିନ୍ଦାଙ୍କ ମଧ୍ୟରେ ଆକ୍ରୋଶ ବୃଦ୍ଧି ପାଇବା ଯୋଗୁଁ ସେମାନେ ଆଜି ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀଙ୍କ ଘର ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଘଟଣାର ଦୁଇ ଦିନ ପରେ ମଧ୍ୟ ପୋଲିସ ପକ୍ଷରୁ କୌଣସି ଗିରଫଦାରୀ ହୋଇନାହିଁ ବୋଲି ସେମାନେ କ୍ଷୋଭ ପ୍ରକାଶ କରି ଏହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆଜି ମୃତକଙ୍କ ପରିବାର ସଦସ୍ୟ ଏବଂ ସ୍ଥାନୀୟ ବାସିନ୍ଦା ସେକ୍ଟର-୭ ଥାନାରେ ବିକ୍ଷୋଭ ପ୍ରଦର୍ଶନ କରି ହତ୍ୟାକାଣ୍ଡରେ ସମ୍ପୃକ୍ତ ଲୋକଙ୍କୁ ତୁରନ୍ତ ଗିରଫ କରିବା ଦାବି କରିଥିଲେ। ତାପରେ ପ୍ରତିବାଦକାରୀମାନେ ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀଙ୍କ ବାସଭବନ ନିକଟକୁ ଆସି ବାହାରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ସେମାନେ ବିଧାୟକଙ୍କୁ ହସ୍ତକ୍ଷେପ କରି ଅଭିଯୁକ୍ତଙ୍କ ବିରୁଦ୍ଧରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ କରିବାକୁ ଅନୁରୋଧ କରିଥିଲେ। ପ୍ରଦର୍ଶନକାରୀମାନେ ଅଭିଯୋଗ କରିଥିଲେ ଯେ, ତୋଫାନ ବିନ୍ଧାଣୀ ବିଜେପିର ସମର୍ଥକ ଥିଲେ ଏବଂ ଦୋଷୀଙ୍କ ଗିରଫଦାରୀକୁ ସହଜ କରିବା ପାଇଁ ପଦକ୍ଷେପ ନେବାକୁ ବିଧାୟକଙ୍କୁ ଅନୁରୋଧ କରିଥିଲେ। ପ୍ରତିବାଦ ସମୟରେ, କିଛି ବାସିନ୍ଦା ପ୍ରତିବାଦ ସ୍ୱରୂପ ବିଧାୟକଙ୍କ ଗାଡ଼ି ସମ୍ମୁଖରେ ବସିଥିବା ଜଣାପଡ଼ିଥିଲା। ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଳମ୍ବ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଚିନ୍ତାର ବିଷୟ ପାଲଟିଛି। ସୂଚନା ଅନୁସାରେ ଏହାର ଜବାବରେ, ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ୱାଧୱାନୀ ତଲାସ ଅଭିଯାନକୁ ଜୋରଦାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସନ୍ଦିଗ୍ଧଙ୍କୁ ଖୋଜିବା ପାଇଁ ପୋଲିସ ଡିଏସପି ମନୋରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଚାରୋଟି ପୋଲିସ ଥାନାର ଅଧିକାରୀଙ୍କୁ ନେଇ ଚାରୋଟି ସ୍ୱତନ୍ତ୍ର ଦଳ ଗଠନ କରାଯାଇଛି। ପୋଲିସ ଅଧିକାରୀମାନେ କହିଛନ୍ତି ଯେ, ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇସାରିଛି ଏବଂ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଆଶା କରାଯାଉଛି। ସୂଚନା ଅନୁଯାୟୀ, ସେକ୍ଟର-୫ ଗୋଲଘର ରାମେଶ୍ୱର ପାଲିର ବାସିନ୍ଦା ୨୯ ବର୍ଷ ବୟସ୍କ ତୋଫାନ ବିନ୍ଧାଣୀଙ୍କୁ ମଙ୍ଗଳବାର ଦିନ ନାରାୟଣପାଲିର କିଛି ଯୁବକ ଆକ୍ରମଣ କରି ନିର୍ମମ ଭାବରେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏହି ଘଟଣା ସ୍ଥାନୀୟ ଅଂଚଳରେ ବ୍ୟାପକ ଉତ୍ତେଜନା ସୃଷ୍ଟି କରିଛି। ବାସିନ୍ଦାମାନେ ତୁରନ୍ତ ନ୍ୟାୟ ଦାବିକରି ଅଭିଯୁକ୍ତଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

ବାସନ୍ତୀ ସାଂସ୍କୃତିକ ପରିଷଦର ୪୧ ତମ ବାର୍ଷିକ ଉତ୍ସବ ଓ ରଜଉତ୍ସବ
ମଂଚସ୍ଥ ହେଲା ନାଟକ ହେଲୋ ନୀଲେଶ

ରାଉରକେଲା,୧୮/୬(ନି/ପ୍ର): ସହରର ଅନ୍ୟତମ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ବାସନ୍ତୀ ସାଂସ୍କୃତିକ ପରିଷଦର ୪୧ ତମ ବାର୍ଷିକ ଉତ୍ସବ ଓ ରଜଉତ୍ସବ ୨୦୨୬ ମହାସମାରୋହରେ ପାଳିତ ହୋଇଯାଇଛି। ତ୍ରିଦିବସୀୟ କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି, ଆଇନଜୀବୀ ଗିରିଶ ଚନ୍ଦ୍ର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ଶେଷ ରଜ ଦିନ ରାଉରକେଲା ର ଯୁଗ୍ମଶ୍ରମ ଆୟୁକ୍ତ ପ୍ରଣବ ରଞ୍ଜନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଅତିଥି ମାନେ ସେମାନଙ୍କ ବକ୍ତବ୍ୟରେ ରଜ ଉତ୍ସବର ଲକ୍ଷ୍ୟ ଓ ଆଭିମୁଖ୍ୟ ତଥା ଆମ ସାମାଜିକ ଜୀବନରେ ଏହାର ପ୍ରଭାବ କିପରି ପ୍ରତିଫଳିତ ହୋଇଛି, ସର୍ବୋପରି ପ୍ରକୃତି ସହ କିପରି ନାରୀ ଜାତିକୁ ସମ୍ମାନ ଦିଆଯାଇଛି ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପରିଷଦର ସଭାପତି ଶ୍ରୀବତ୍ସ କୁଅଁର ସଭାପତିତ୍ୱ ଅଭିଭାଷଣ, କାର୍ଯ୍ୟକାରୀ ସଭାପତି ଭଗବାନ ମହାପାତ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଭୂୟାଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଅତିଥି ତଥା ବିଚାରକ ଭାବେ କୁଞ୍ଜବିହାରୀ ରାଉତ, ଦେବାଶିଷ ଷଡ଼ଙ୍ଗୀ, ସବିତା ପରିଡା ଓ ସାଗରିକା ପରିଡା, ଅକ୍ଷୟ ଦାସ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ନାଟ୍ୟ ସଂସ୍ଥା ପ୍ରତିବିମ୍ବ ଦ୍ୱାରା ନଟକ ହେଲୋ ନୀଲେଶ ମଂଚସ୍ଥ କରାଯାଇଥିଲା। ସେହିପରି ଅନୁଷ୍ଠାନ ତରଫରୁ ୫ ଜଣ ବରିଷ୍ଠ ନାଗରିକ, ବାସନ୍ତୀ ହାଇସ୍କୁଲର ଦଶମ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଆଲିଶା ରାୟଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ଝିଲିମା ମହାନ୍ତି ଓ ମୋନାଲିସା ସାହୁ ଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପରିଚାଳନା ରେ କାର୍ଯ୍ୟକାରୀ ସଭାପତି ଭଗବାନ ମହାପାତ୍ର, ସାଧାରଣ ସମ୍ପାଦକ ଅକ୍ଷୟ ଭୂୟାଁ, ଉନ୍ନମ ବାରିକ, ଶୁକଦେବ ମହନ୍ତ, ଗଙ୍ଗାଧର ଜେନା, ଜଗଦିଶ ମୋହନ ପ୍ରହରାଜ, ବିଜୟ ପ୍ରଧାନ, ଲାଲଧର ସାହୁ, କୃଷ୍ଣଚନ୍ଦ୍ର ଡାକୁଆ, ରାଜୀବ ସିଂ, ସରୋଜ ବିଶ୍ୱାଳ, ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

ଶୀତଳଷଷ୍ଠୀରେ ଦେବାଧିଦେବ ମହାଦେବ ଏବଂ ମାତା ପାର୍ବତୀଙ୍କ ଦେବ ବିବାହ ମହୋତ୍ସବ

ରାଉରକେଲା ୧୮/୬(ନି/ପ୍ର): ଆଜି ଶୀତଳଷଷ୍ଠୀ ଉପଲକ୍ଷେ ଉଦିତନଗର ସ୍ଥିତ ଶ୍ରୀ ଶ୍ରୀ ପଂଚଦେବ କଲଚରାଲ୍ ଟ୍ରଷ୍ଟ ପକ୍ଷରୁ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଆୟୋଜିତ ହେଉଛି ଦେବାଧିଦେବ ଶ୍ରୀ ଶ୍ରୀ ଜଳେଶ୍ୱର ମହାଦେବ ଏବଂ ମାତା ପାର୍ବତୀଙ୍କ ଦେବ ବିବାହ ମହୋତ୍ସବ। ଏହି ଅବସରରେ ବୁଧବାର ଦିନ ଶ୍ରୀ ଶ୍ରୀ ଜଳେଶ୍ୱର ମହାଦେବଙ୍କ ପତ୍ର ପେଣ୍ଡି କାର୍ଯ୍ୟକ୍ରମ ସରିଥିଲା ବେଳେ ଆଜି ସକାଳ ଠାରୁ ଆରମ୍ଭ ହୋଇଛି ମହାଦେବଙ୍କ ରୁଦ୍ରାଭିଷେକ। ବର ପକ୍ଷର କର୍ତ୍ତା ଭାବେ ରାଜେନ୍ଦ୍ର ପ୍ରସାଦ ମଲ୍ଲ ସପନ୍ୀକ ହୋଇଥିଲା ବେଳେ କନ୍ୟା ପକ୍ଷରୁ କର୍ତ୍ତା ଭାବେ ଡାକ୍ତର କିଶୋର ଦାସ ଏବଂ ପରିବାର ହୋଇଛନ୍ତି। ସନ୍ଧ୍ୟା ୫ଟା ୩୦ରୁ ଦେବାଧିଦେବ ମହାଦେବଙ୍କ ବରାନୁଗମନ (ବାରାତ) ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରୁ ବାହାରି ସହର ପରିକ୍ରମା କରିବା ପରେ ୮ଟା ୧୩ ମିନିଟରେ ଦେବ ବିବାହ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ବର ପକ୍ଷଙ୍କ କର୍ତ୍ତା ରାଜେନ୍ଦ୍ର ମଲ୍ଲ। ଶୀତଳଷଷ୍ଠୀ ଉପଲକ୍ଷେ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ସହିତ ପ୍ରସାଦ ସେବନ କାର୍ଯ୍ୟକ୍ରମ ୮ଟା ୩୦ରେ ରହିଛି। ଶ୍ରୀ ପଂଚଦେବ କଲଚରାଲ୍ ଟ୍ରଷ୍ଟ ପରିଚାଳନା କମିଟିର ଅଧ୍ୟକ୍ଷ ଦିଲ୍ଲୀପ କୁମାର କର, ଉପାଧ୍ୟକ୍ଷ ଶରତ ଚନ୍ଦ୍ର ପଲାଇ ଏବଂ ମହେଶ୍ୱର ସ୍ୱାଇଁ, ମ୍ୟାନେଜିଂ ଟ୍ରଷ୍ଟି ବିଜୟ କୁମାର ପ୍ରଧାନ, ସହ-ସମ୍ପାଦକ ପ୍ରଦୀପ କୁମାର ଦାସ, କୋଷାଧ୍ୟକ୍ଷ ସୂର୍ଯ୍ୟମଣି ବେହେରା, କାର୍ଯ୍ୟକାରିଣୀ ସଦସ୍ୟ କାଶିନାଥ ସାହୁ, କ୍ଷୀରୋଦ କୁମାର ସାହୁ, ଜୟଦୀପ ମିଶ୍ର, ପ୍ରଭାତ କୁମାର ଟେବ୍ରିୱାଲ, ବିଶ୍ୱରଞ୍ଜନ ବେହୁରା, ଗିରିଧାରୀ ଅଗ୍ରୱାଲ, ପ୍ରଦୀପ କୁମାର ସିଂ, ସୁଶାନ୍ତ ସେନାପତି, ଅମୀତ କୁମାର ମାରୋଠିଆ, ସୁରେନ୍ଦ୍ର କୁମାର ମହାନ୍ତି, କୃପାସିନ୍ଧୁ ଘଡେଇ, ମାର୍ଗଦର୍ଶକ ଦିଲ୍ଲୀପ ରାୟ, ସାରଦା ପ୍ରସାଦ ନାୟକ, ଦିପ୍ତୀରଞ୍ଜନ ପଟ୍ଟନାୟକ, ଉପଦେଷ୍ଟା ବ୍ରିଜମୋହନ ଅଗ୍ରୱାଲ, ଓମପ୍ରକାଶ ବାପୁଡିଆ, ସୁନୀଲ କାୟଲ, ରାଜେଶ ମହାପାତ୍ର, ସୀତାରାମ ବେରଲିୟା, ନନ୍ଦକିଶୋର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ଶୀତଳଷଷ୍ଠୀ ଯାତ୍ରାରେ ସାମିଲ ହେବେ।

ବହୁମୁଖୀ ମଣ୍ଡପ ଓ ମିଶନ ଶକ୍ତି ଗୃହର ଶୁଭ ଉଦଘାଟିତ

ନୂଆପଡ଼ା,୧୮/୬(ନି/ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ୱାର୍ଡ ନମ୍ବର୍ ଦଶ ଓ ଏଗାର ମଧ୍ୟରେ ଥିବା ହାଟପଡ଼ାରେ ନବ ନିର୍ମିତ ବହୁମୁଖୀ ମଣ୍ଡପ ଓ ମିଶନ ଶକ୍ତି ଗୃହର ଶୁଭ ଉଦଘାଟନ ସମାରୋହ ଆଜି ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ସାଂସଦ ମାଳବିକା ଦେବୀ ମୁଖ୍ୟ ଅତିଥି ଭାବରେ ଓ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ବିଶିଷ୍ଟ ଅତିଥି ଭାବରେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ।

ଚଳିତ ଜୁନ୍ ୨୨ ତାରିଖରେ ରାଉରକେଲାରେ ପ୍ରଦର୍ଶିତ ହେବ ଓଡ଼ିଆ ଚଳଚ୍ଚିତ୍ର ଜଙ୍ଗଲ ଜଳୁଛେ

ରାଉରକେଲା,୧୮/୬(ନି/ପ୍ର): ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଏକ ନୂଆ ସଂଯୋଜନ ଭାବେ ଏସସିଟିଏସ୍ ପ୍ରଡକ୍ସନ(ଽଉଞ୍ଝ ଚକ୍ସକ୍ଟୟଙ୍କମ-ଖ୍ରସକ୍ଟଭ) ଦ୍ୱାରା ପ୍ରଥମ ଅବଦାନ ମା ମାଟିର କଥା ଆଧାରିତ ଚଳଚ୍ଚିତ୍ର 'ଜଙ୍ଗଲ ଜଳୁଛେ' ୨୦୨୬ ଜୁନ୍ ୨୨ ତାରିଖ ଦିନ ରାଉରକେଲା ସ୍ଥିତ କ୍ରସ ରୋଡ୍ ମଲ ସ୍ଥିତ ସିନେ କାର୍ଣ୍ଣିଭାଲ ଠାରେ ଅପରାହ୍ନ ୨ଟା ୩୦ରେ ପ୍ରଦର୍ଶିତ ହେବ। ମା, ମାଟି, ଜଙ୍ଗଲ ଓ ମଣିଷର ସମ୍ପର୍କକୁ ନେଇ ନିର୍ମିତ ଏହି ଚଳଚ୍ଚିତ୍ର ପ୍ରତି ଦର୍ଶକମାନଙ୍କ ମଧ୍ୟରେ ଏବେଠାରୁ ବେଶ ଉତ୍ସାହ ଦେଖିବାକୁ ମିଳୁଛି। ଏନେଇ ଆଜି ସେକ୍ଟର-୧୫ ରାଧାକୃଷ୍ଣ ମନ୍ଦିର ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ଉପଦେଷ୍ଟା ହରିହର ରାଉତରାୟ, ସିନେମାର ନିର୍ଦ୍ଦେଶକ ସରୋଜ କୁମାର ଭୂୟାଁ, ଏଚଏଫଆଇର ଅଧ୍ୟକ୍ଷ ସୁରେଶ କୁମାର ନନ୍ଦ, ସଭାପତି ଅମିତ ମାଇତି ମହାନ୍ତି, କାର୍ଯ୍ୟକାରୀ ସଭାପତି ରାକେଶ ସିଂ ଓ ମିଡିଆ ପ୍ରଭାରୀ କୁଞ୍ଜବିହାରୀ ରାଉତ ପ୍ରମୁଖ ଉପସ୍ଥିତ ରହି ସାମ୍ବାଦିକଙ୍କୁ ସୂଚନା ପ୍ରଦାନ କରି କହିଥିଲେ ଯେ, ଚଳଚ୍ଚିତ୍ରର କାହାଣୀ, ଚିତ୍ରନାଟ୍ୟ, ନୃତ୍ୟ ନିର୍ଦ୍ଦେଶନା ଏବଂ ପରିଚାଳନା ଦାୟିତ୍ୱ ତୁଲାଇଛନ୍ତି ବିଶିଷ୍ଟ ଚଳଚ୍ଚିତ୍ରକାର ସରୋଜ କୁମାର ଭୂୟାଁ। ଏହି ଚଳଚ୍ଚିତ୍ରର ପ୍ରଯୋଜିକା ନିବେଦିତା ନାୟକ ଓ ସହ-ପ୍ରଯୋଜିକା ମୀନା ମହାରଣା ଥିବାବେଳେ, ଧାରଣା ଓ ପରିକଳ୍ପନା କରିଛନ୍ତି ଗୋରେକ ନାଥ ସାହୁ। ସଂଳାପ ରଚନା କରିଛନ୍ତି ଗୋରେକନାଥ ସାହୁ ଏବଂ ନିବେଦିତା ନାୟକ। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି କୁମାର ଲବ, ସମ୍ପାଦନା କରିଛନ୍ତି ମୁନ୍ନା ମୋଦି, ଚିତ୍ରଗ୍ରହଣରେ ରହିଛନ୍ତି ନିତୁ। ପୋଷ୍ଟ ପ୍ରଡକ୍ସନ କାର୍ଯ୍ୟ ଭୁବନେଶ୍ୱର ସ୍ଥିତ ପ୍ରସାଦ କଳିଙ୍ଗ ଲ୍ୟାବରେ ସମ୍ପନ୍ନ ହୋଇଥିବାବେଳେ ଭିଡିଓଗ୍ରାଫି କରିଛନ୍ତି ରାଜେଶ ରମଣ। ଏହି ଚଳଚ୍ଚିତ୍ରରେ ସିନେ ଅଭିନେତା ଅଶ୍ରୁମୋଚନ ମହାନ୍ତି, ପ୍ରଦ୍ୟୁମ୍ନ ଲେଙ୍କା, ବିରେନ୍ ମିଶ୍ର, ନୈନା ଦାସ, ହାସ୍ୟ ଅଭିନେତା ବିନ୍ଦୁ, ଗୋରେଖନାଥ ସାହୁ, ସରୋଜ ବେହେରା ପ୍ରମୁଖ ଅଭିନୟ କରିଛନ୍ତି। ଏଠାରେ ଏହି ଚଳଚ୍ଚିତ୍ରର ପ୍ରଦର୍ଶନୀ କାର୍ଯ୍ୟକ୍ରମକୁ ହିନ୍ଦୁସ୍ଥାନ ଫେଡେରେସନ ଅଫ୍ ଇଣ୍ଡିଆର ସହଯୋଗରେ ଆୟୋଜନ କରାଯାଉଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅତିଥି ଭାବେ ବିରଚିଂନାରାୟଣ ପଟ୍ଟନାୟକ, ଅବିନାଶ ପ୍ରଧାନ, ଜୟନ୍ତୀ ଦାସ, ଶ୍ରୀନିବାସ ପ୍ରଧାନ, ସୁଶାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲାବେଳେ ଟିକିନା ଦାସ, କବିତା ବିନ୍ଧାଣି, ଅମ୍ବିକା ପରିଡ଼ା, ସୁସ୍ମିତା ପରିଡ଼ା, ଅଜୟ ଚୌଧୁରୀ, ଶମ୍ଭୁନାଥ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଚଳଚ୍ଚିତ୍ରର ନିର୍ଦ୍ଦେଶକ ସରୋଜ କୁମାର ଭୂୟାଁ କହିଛନ୍ତି ଯେ, 'ଜଙ୍ଗଲ ଜଳୁଛେ' କେବଳ ଏକ ମନୋରଞ୍ଜନଧର୍ମୀ ଚଳଚ୍ଚିତ୍ର ନୁହେଁ, ବରଂ ସମାଜ ପାଇଁ ଏକ ଶକ୍ତିଶାଳୀ ସଚେତନତାର ବାର୍ତ୍ତା। ମା, ମାଟି, ଜଙ୍ଗଲ ଓ ମଣିଷର ଅବିଚ୍ଛିନ୍ନ ସମ୍ପର୍କକୁ ଏହି ଚଳଚ୍ଚିତ୍ରରେ ସୁନ୍ଦର ଭାବେ ଉପସ୍ଥାପନ କରାଯାଇଛି। ପ୍ରକୃତି ସୁରକ୍ଷା, ପରିବେଶ ସଚେତନତା, ସାମାଜିକ ମୂଲ୍ୟବୋଧ, ମାନବିକତା, ସଂସ୍କୃତି ଓ ଐତିହ୍ୟର ଏକ ଚମତ୍କାର ସମନ୍ୱୟ ଦର୍ଶକମାନେ ଏହି ସିନେମାରେ ଦେଖିବାକୁ ପାଇବେ। ଏହା ଦର୍ଶକଙ୍କୁ କେବଳ ଭାବବିହ୍ୱଳ କରିବ ନୁହେଁ, ବରଂ ସମାଜ ଓ ପରିବେଶ ପ୍ରତି ନିଜର ଦାୟିତ୍ୱ ବିଷୟରେ ନୂତନ ଭାବନା ସୃଷ୍ଟି କରିବ। ଏକ ଭାବପ୍ରବଣ, ଚିନ୍ତନଶୀଳ, ଶିକ୍ଷଣୀୟ ଓ ମନୋମୁଗ୍ଧକର ଅନୁଭୂତି ସହିତ ଏହି ଚଳଚ୍ଚିତ୍ର ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ସେହିପରି ସମସ୍ତ ସିନେପ୍ରେମୀଙ୍କୁ ଏହି ଚଳଚ୍ଚିତ୍ର ଦେଖି ଏହାର ସକାରାତ୍ମକ ବାର୍ତ୍ତାକୁ ସମାଜର ପ୍ରତ୍ୟେକ ସ୍ତରକୁ ପହଚାଂଇବା ପାଇଁ ସେ ଆହ୍ୱାନ ଜଣାଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଏଚ୍ଏଫ୍ଆଇ ପରିବାରର ସମସ୍ତ ସଦସ୍ୟଙ୍କ ସକ୍ରିୟ ସହଯୋଗ ଓ ସମର୍ଥନରେ ଆଜିର କାର୍ଯ୍ୟକ୍ରମ ସଫଳତାର ସହିତ ସମ୍ପନ୍ନ ହୋଇଥିଲା।

ହଜ୍‌ଯାତ୍ରା ସଂପନ୍ନ କରି ଫେରିଥିବା ହାଜିମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା

ଭଦ୍ରକ, ୧୮/୬(ନି/ପ୍ର): ପବିତ୍ର ହଜଯାତ୍ରା ସମ୍ପନ୍ନ କରି ଭଦ୍ରକ ଜିଲ୍ଲାରୁ ଯାଇଥିବା ହାଜି ସାହେବମାନେ ଆଜି ନିଜ ଜନ୍ମମାଟି ଭଦ୍ରକକୁ ଫେରିଛନ୍ତି। ଏହି ଅବସରରେ ଭଦ୍ରକ ରେଳବାଇ ଷ୍ଟେସନରେ ସେମାନଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇବାସହ ଏହି ପବିତ୍ର ଯାତ୍ରା ସଫଳତାର ସହ ସମ୍ପନ୍ନ କରି ଫେରିଥିବା ହାଜିମାନଙ୍କ ସହ ସାକ୍ଷାତ କରି ସେମାନଙ୍କ ଅନୁଭୂତି ବଂଟାଯାଇଛି। ଆଲ୍ଲାହଙ୍କ ପ୍ରତି ଅତୁଟ ଭକ୍ତି, ତ୍ୟାଗ ଓ ଆଧ୍ୟାତ୍ମିକ ସାଧନାର ପ୍ରତୀକ ଏହି ପବିତ୍ର ହଜଯାତ୍ରା ସମସ୍ତଙ୍କ ଜୀବନରେ ଶାନ୍ତି, ସଦ୍ଭାବନା ଓ ଭାଇଚାରାର ବାର୍ତ୍ତା ପ୍ରସାର କରୁ। ସମସ୍ତ ହାଜି ସାହେବମାନଙ୍କ ସୁସ୍ଥ, ସୁଖୀ ଓ ମଙ୍ଗଳମୟ ଜୀବନ କାମନା କରିଛନ୍ତି ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ। ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ପୌରାଧ୍ୟକ୍ଷ ଗୁଲୁମୁଖୀ ହବିବ, ପାରିଷଦ ଦିଲିପ ନାୟକ, ପାରିଷଦ ଙ୍କ ପ୍ରତିନିଧି ପଙ୍କଜ ବଳ, ରଘୁନାଥ

ଜୁନ୍ ୨୭ ଓ ୨୮ରେ ଅଲ୍-ଓଡିଶା ପ୍ରିମିୟର ସୌନ୍ଦର୍ଯ୍ୟ ପ୍ରତିଯୋଗିତା

ରାଉରକେଲା,୧୮/୬(ନି/ପ୍ର): ଚଳିତ ଜୁନ୍ ୨୭ ଓ ୨୮ ତାରିଖରେ ୟୁନିଭର୍ସାଲ ଓଡିଶା-୨୦୨୬ ପକ୍ଷରୁ ଏକ ଅଲ୍-ଓଡିଶା ପ୍ରିମିୟର ସୌନ୍ଦର୍ଯ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଆଜି ହୋଟେଲ ପିୟର୍ଲ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି। ୟୁନିଭର୍ସାଲ ଓଡିଶାର ପ୍ରତିଷ୍ଠାତ୍ରୀ ତଥା ନିର୍ଦ୍ଦେଶିକା ଡକ୍ଟର ସୁସ୍ମିତା ଭଞ୍ଜଙ୍କ ସହିତ ପରିଚାଳନା ନିର୍ଦ୍ଦେଶକ ଆକାଶ ତନ୍ତୀ, ସୁବ୍ରତ କୁମାର ଭୂୟାଁ, ଅଙ୍କିତ୍ କୁମାର ଠାକୁର ପ୍ରମୁଖ ସୂଚନା ଦେଇ କହିଥିଲେ ଯେ, ୟୁନିଭର୍ସାଲ୍ ଓଡିଶା ୨୦୨୬ ରାଜ୍ୟର ସବୁଠାରୁ ପ୍ରତିଷ୍ଠିତ ସାଂସ୍କୃତିକ ଏବଂ ଫ୍ୟାଶନ ମାଇଲଖୁଟଂ ଭାବରେ ରାଜ୍ୟର ଭୁବନେଶ୍ୱରରେ ପ୍ରତିଯୋଗିତା ଆୟୋଜନ କରିଆସୁଥିଲା ବେଳେ ପ୍ରଥମ ଥର ପାଇଁ ରାଉରକେଲାରେ ଏହି ପ୍ରତିଯୋଗିତା ଆୟୋଜନ ପାଇଁ ଠିଆ ହୋଇଛି। ଏକ ଜାତୀୟ କ୍ୟାନଭାସରେ ଆଂଚଳିକ ପ୍ରତିଭାକୁ ସଶକ୍ତ କରି ପ୍ରତିଯୋଗିତାକୁ ପୁନଃ ପରିଭାଷିତ କରୁଛି ୟୁନିଭର୍ସାଲ୍ ଓଡିଶା ୨୦୨୬। ଏହା ହେଉଛି ଏକ ଅଲ୍-ଓଡିଶା ସୌନ୍ଦର୍ଯ୍ୟ ପ୍ରତିଯୋଗିତା ଯାହା ରାଜ୍ୟ ସାରା ଅସାଧାରଣ ବ୍ୟକ୍ତିମାନଙ୍କୁ ଆବିଷ୍କାର, ପରାମର୍ଶଦାତା ଏବଂ ପ୍ରୋତ୍ସାହିତ କରିବା ପାଇଁ ସତର୍କତାର ସହିତ ସଂରଚିତ। ରାଜ୍ୟ ନିର୍ଦ୍ଦେଶକ ଡକ୍ଟର ସୁସ୍ମିତାଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ, ପ୍ରତିଯୋଗିତା ପାରମ୍ପରିକ ସୌନ୍ଦର୍ଯ୍ୟ ମାନଦଣ୍ଡକୁ ଅତିକ୍ରମ କରି ବୁଦ୍ଧି, ସାଂସ୍କୃତିକ ମୂଳ, ସାମାଜିକ ଦାୟିତ୍ୱ ଏବଂ ବ୍ୟକ୍ତିଗତ ଶାନ୍ତତା ଉପରେ ଅତ୍ୟଧିକ ଗୁରୁତ୍ୱ ଦେଇଥାଏ। ଏହି ବ୍ୟାପକ ପ୍ରାୟୋଜକତା ଡେକ୍ ଆଗକୁ ଚିନ୍ତା କରୁଥିବା କର୍ପୋରେଟ୍ ସଂସ୍ଥାଗୁଡ଼ିକ ପାଇଁ ସ୍ୱତନ୍ତ୍ର ସହଭାଗୀତା ମାର୍ଗଗୁଡ଼ିକୁ ରୂପରେଖା ପ୍ରଦାନ କରେ। ୟୁନିଭର୍ସାଲ୍ ଓଡ଼ିଶା ୨୦୨୬ ସହିତ ସମନ୍ୱୟ ସ୍ଥାପନ କରି ବ୍ରାଣ୍ଡ ପ୍ରିମିୟମ୍ ଡେମୋଗ୍ରାଫିକ୍ସ, ବ୍ୟାପକ ମିଡିଆ କଭରେଜ୍ ଏବଂ ସମ୍ପ୍ରଦାୟ ସମ୍ପୃକ୍ତି ପାଇଁ ଏକ ଅତୁଳନୀୟ ପ୍ଲାଟଫର୍ମ ସହିତ ସିଧାସଳଖ, ଉଚ୍ଚ-ପ୍ରଭାବଶାଳୀ ଏକ୍ସପୋଜରକୁ ସୁରକ୍ଷିତ କରେ। ଏହି ପ୍ରତିଯୋଗିତା ବୃତିଗତ ଉତ୍କର୍ଷତା ପାଇଁ ଇନକ୍ୟୁବେଟର ଭାବରେ କାର୍ଯ୍ୟ କରେ, ବିଶେଷଜ୍ଞ ଶିକ୍ଷ ପ୍ରଶିକ୍ଷକ, ଡିଜାଇନର, ନୃତ୍ୟଶିଳ୍ପୀ ଏବଂ ଫିଟନେସ୍ ବିଶେଷଜ୍ଞମାନଙ୍କୁ ଏକତ୍ରିତ କରେ। ୟୁନିଭର୍ସାଲ ଓଡିଶା ୨୦୨୬ ସମ୍ମାନନୀୟ ବ୍ରାଣ୍ଡକୁ ଏହି ପରିବର୍ତ୍ତନକାରୀ ସାଂସ୍କୃତିକ ଯାତ୍ରାରେ ଏକ ପ୍ରମୁଖ ଅଂଶୀଦାର ଭାବରେ ଅଂଶଗ୍ରହଣ କରିବାକୁ ନିମନ୍ତ୍ରଣ କରୁଛି। ୟୁନିଭର୍ସାଲ ଓଡିଶା ୨୦୨୬ ପକ୍ଷରୁ ପ୍ରିମିୟର ସୌନ୍ଦର୍ଯ୍ୟ ପ୍ରତିଯୋଗିତାର ସେମିଫାଇନାଲ ୨୦୨୬ ଜୁନ୍ ୨୭ ତାରିଖରେ ଏବଂ ଫାଇନାଲ୍ ଜୁନ୍ ୨୮ ତାରିଖରେ ରାଉରକେଲାର ଭଞ୍ଜ ଭବନ ପ୍ରେକ୍ଷାଳୟରେ ଆୟୋଜିତ ହେବ ବୋଲି ସୂଚନା ଦେଇଛନ୍ତି ୟୁନିଭର୍ସାଲ ଓଡିଶା ୨୦୨୬ର ରାଜ୍ୟ ନିର୍ଦ୍ଦେଶିକା ତଥା ପ୍ରତିଷ୍ଠାତ୍ରୀ ଡକ୍ଟର ସୁସ୍ମିତା ଭଞ୍ଜ।

ଦେଶି ମଦ ଚାଲାଣ ବେଳେ ଚଢାଉ, ୧ ଗିରଫ

ଜୟପୁର,୧୮/୬(ନି/ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ଆଜି ଚଢାଉ କରି ଜଣେ ଅଭିଯୁକ୍ତ କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା ଜୟପୁର ସଦର ଥାନା ଅନ୍ତର୍ଗତ ବଙ୍ଗାଳିଗୁଡା ଗ୍ରାମର ଅଭି ଜାନି। ସୁଚନା ଅନୁଯାଇ ଦେଶି ମଦ ଚାଲାଣ ସୁଚନା ପାଇ ଜୟପୁର ଅବକାରି ଥାନା ଆଜି ବଙ୍ଗାଳିଗୁଡା ରାସ୍ତା ରେ ଚଢାଉ କରିଛି। ଚଢାଉ କରି ୨୨ ଲିଟର ଦେଶି ମଦ ଜବତ କରି ଅଭିଯୁକ୍ତ କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ କୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୁଚନା ଦେଇଛନ୍ତି।

ସେଲ୍, ରାଉରକେଲା ଇସ୍ପାତ କାରଖାନାର ସିଏସଆର ବିଭାଗ ପକ୍ଷରୁ ଏସଏଚଜି ପଣଧାରୀଙ୍କ ସହ 'ମେଲ୍ ମିଲାପ୍' ଆଲୋଚନାଚକ୍ର

ରାଉରକେଲା,୧୮/୬(ନି/ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା ର ସିଏସଆର ବିଭାଗ ପକ୍ଷରୁ ଜୁନ୍ ୧୩ ତାରିଖ ଦିନ ଲାଠିକଟା ବ୍ଲକର ବାଲାଣ୍ଡା ଗ୍ରାମ ପଚାଂୟତ କାର୍ଯ୍ୟାଳୟଠାରେ ଏକ ଆଲୋଚନା ଚକ୍ର କାର୍ଯ୍ୟକ୍ରମ 'ମେଲ୍ ମିଲାପ୍' ଆୟୋଜିତ ହୋଇଯାଇଛି। ସିଏସଆର ବିଭାଗ ର ଭାରପ୍ରାପ୍ତ ମହାପ୍ରବନ୍ଧକ ସୁଶ୍ରୀ ମୁନମୁନ ମିତ୍ର ଏହି ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସିଏସଆର ବିଭାଗର ଉପ ମହାପ୍ରବନ୍ଧକ ଶ୍ରୀ ପି. ସାହୁ, ବାଲାଣ୍ଡା ଗ୍ରାମ ପଚାଂୟତର ସରପଚଂ ଶ୍ରୀ ଯୋଗେଶ୍ୱର କିଷାନ, ବାଲାଣ୍ଡା ଗ୍ରାମ ପଚାଂୟତର ମାଷ୍ଟର ବୁକ୍ କିପର ସୁଶ୍ରୀ ମେରୀ କ୍ରିଆନ ତିଗା, ସିଏସଆର ବିଭାଗର ଅନ୍ୟାନ୍ୟ ଅଧିକାରୀ ଏବଂ ସ୍ଥାନୀୟ ସ୍ୱାୟତ ଶାସନ ସଂସ୍ଥାର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଛତୁ ଚାଷ ତାଲିମ ଏବଂ 'ବର୍ଜ୍ୟବସ୍ତୁରୁ ସମ୍ପଦ' କାର୍ଯ୍ୟକ୍ରମରେ ତାଲିମପ୍ରାପ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟା,

କମ୍ୟୁନିଟି ରିସୋର୍ସ ପର୍ସନ ଏବଂ ସ୍ଥାନୀୟ ଭଦ୍ରବ୍ୟକ୍ତିଙ୍କୁ ମିଶାଇ ପ୍ରାୟ ୫୦ ଜଣ ଗ୍ରାମବାସୀ ଏଥିରେ ଯୋଗ ଦେଇଥିଲେ। ସୁଶ୍ରୀ ମୁନମୁନ ମିତ୍ର ଅଂଶଗ୍ରହଣକାରୀମାନଙ୍କ ସହ ସେମାନଙ୍କର ସଫଳତାର ଯାତ୍ରା ଓ ଆହ୍ୱାନ ବିଷୟରେ ଆଲୋଚନା କରିଥିଲେ ଏବଂ ସେମାନଙ୍କ ଅଂଚଳରେ ଆଗାମୀ ଦିନରେ ଆରଏସପି- ସିଏସଆର ପ୍ରକଳ୍ପଗୁଡ଼ିକର ସଫଳ ରୂପାୟନ ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ଆରଏସପି ର ବିକାଶମୂଳକ ଆଭିମୁଖ୍ୟରେ 'ଜନ ଭାଗିଦାରୀ' ବା ସାଧାରଣ ଲୋକଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଏବଂ ଅଂଶୀଦାରମାନଙ୍କ ମଧ୍ୟରେ ପାରସ୍ପରିକ ଶିକ୍ଷା ଓ ଜ୍ଞାନର ଆଦାନପ୍ରଦାନକୁ ସହଜ କରିବା ପାଇଁ ଏହି 'ମେଲ୍ ମିଲାପ୍' କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଆଲୋଚନା ସମୟରେ ଛତୁ ଚାଷ ଏବଂ 'ବର୍ଜ୍ୟବସ୍ତୁରୁ ସମ୍ପଦ' ତାଲିମର ସ୍ଥିତି ଓ ସମୀକ୍ଷା କରାଯାଇଥିଲା। ଏସଏଚଜି ଗୁଡ଼ିକ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ତାଲିମ କାର୍ଯ୍ୟକ୍ରମର ପ୍ରଭାବକୁ ଆକଳନ କରିବା ଏବଂ ଭବିଷ୍ୟତରେ ବିକାଶ, ଅର୍ଥନୈତିକ ସ୍ୱାବଲମ୍ବନଶୀଳତା ଏବଂ ସାମଗ୍ରିକ ଅଭିବୃଦ୍ଧି ପାଇଁ ସୁଯୋଗଗୁଡ଼ିକୁ ଚିହ୍ନଟ କରିବା ପାଇଁ ବିସ୍ତୃତ ମତାମତ ଓ ମୂଲ୍ୟାଙ୍କନ କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଶ୍ରୀ ପି. ସାହୁ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ସିଏସଆର ବିଭାଗର ସେକ୍ସନ ଅଫିସର ଶ୍ରୀ ଜି. ଆର. ନାୟକ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ। ସିଏସଆର ବିଭାଗର ସେକ୍ସନ ଅଫିସର ଶ୍ରୀ ବି. ଏକ୍କା ସମଗ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।